**ନାବାଳିକା ଅପହରଣ ଅଭିଯୋଗ**

ପାଣିକୋଇଲି,(ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ଗତ ମାସ ୩୦ ତାରିଖରେ କଲେଜ ଯାଉଥିବାବେଳେ କୋରେଇ ଥାନା ଦୁଲାଖାପାଟଣା ଗ୍ରାମର ଶଙ୍କୁର ମଲିକ ତାଙ୍କୁ ଅପହରଣ କରି ନେଇଛନ୍ତି। ଏନେଇ ନାବାଳିକାଙ୍କ ପରିବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ.୧୧୧/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସାଇବର ଠକେଇର ଶିକାର ହେଲେ ପୋଲିସ କର୍ମଚାରୀ

ପାଣିକୋଇଲି,୧।୪ (ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲି ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ଅମର ବେହେରା ସାଇବର ଠକେଇର ଶିକାର ହୋଇଛନ୍ତି। ଏନେଇ ସେ ଯାଜପୁରରୋଡ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଗତ ମାସ ୨୮ ତାରିଖରେ ଅମରଙ୍କ ମୋବାଇଲ ଫୋନକୁ ଏକ କଲ ଆସିଥିଲା। ଏହାପରେ ତାଙ୍କ ମୋବାଇଲ ଫୋନ୍‌ଟି ହ୍ୟାଙ୍ଗ ହୋଇଯାଇଥିଲା। ଏହାର କିଛି ସମୟ ପରେ ସେ ଜାଣିବାକୁ ପାଇଥିଲେ ଯେ, ତାଙ୍କ ଆକାଉଣ୍ଟରୁ ୨୮ ହଜାର ଟଙ୍କା କଟିଯାଇଛି। ତେବେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ସାଇବର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

# ପ୍ରଧାନମନ୍ତ୍ରୀ ଆବାସ ତୁରନ୍ତ ଯୋଗାଇବାକୁ ନିର୍ଦ୍ଦେଶ

### ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଯାଜପୁର,୧।୪(ହର୍ଷବର୍ଦ୍ଧନ ବେହେରା): ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବୁଧବାର ଯାଜପୁର ଜିଲ୍ଲା ଗସ୍ତରେ ଆସି ସର୍କିଟ ହାଉସଠାରେ ଯାଜପୁର ଏବଂ ବ୍ୟାସନଗର ପୌର ପରିଷଦର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ରାସ୍ତା ପାର୍ଶ୍ୱ ଆଲୋକୀକରଣ, ପାନୀୟ ଜଳ ଯୋଗାଣ, ସହର ପରିମଳ ଓ ସଫେଇ କାର୍ଯ୍ୟ, ଟିକସ ଆଦାୟ, ତରଳ ବର୍ଜ୍ୟ ପରିଚାଳନା, ଜଳ ଯୋଗାଣ, ପବ୍ଲିକ ଶୌଚାଳୟ, ଆହାର ଇତ୍ୟାଦି ଯୋଜନା ଏବଂ ପ୍ରକଳ୍ପ ସମ୍ବନ୍ଧରେ ସମୀକ୍ଷା କରିବା ସହ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତୁରନ୍ତ ହିତାଧିକାରୀଙ୍କୁ ଗୃହ ଯୋଗାଇବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ସହରରେ ବିଭିନ୍ନ ରାସ୍ତାରେ ଖରାପ ହୋଇଥିବା ଲାଇଟ ଏବଂ ପୋଲଗୁଡ଼ିକୁ ବଦଳାଇବା ପାଇଁ ମନ୍ତ୍ରୀ ମହାପାତ୍ର ଅଧିକାରୀଙ୍କୁ କହିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଯାଜପୁର ଓ ବ୍ୟାସନଗର ପୌରପରିଷଦର ନିର୍ବାହୀ ଅଧିକାରୀ, ମ୍ୟୁନିସିପାଲଟି ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅଧିକାରୀମାନେ।

## ଯାଜପୁରରେ ସ୍ୱଜନଗଣନା ପ୍ରକ୍ରିୟା ଆରମ୍ଭ

ଯାଜପୁର,୧।୪(ହର୍ଷବର୍ଦ୍ଧନ ବେହେରା): ଦେଶରେ ବୁଧବାରଠାରୁ ପ୍ରଥମ କରି ଆରମ୍ଭ ହୋଇଛି ସ୍ୱଜନଗଣନା ପ୍ରକ୍ରିୟା। ଏହି ନୂତନ ପ୍ରଣାଳୀରେ ଜନସାଧାରଣ ଅଧିକୃତ ୱେବସାଇଟ କିମ୍ବା ମୋବାଇଲ ଆପ୍ଲିକେସନ ମାଧ୍ୟମରେ ନିଜେ ନିଜର ତଥ୍ୟ ଦାଖଲ କରି 'ସ୍ୱ-ଜନଗଣନା' କରିବାର ସୁଯୋଗ ପାଇପାରିବେ। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲାପାଳ ଅମ୍ବର କୁମାର କର ସ୍ୱଜନଗଣନା ପ୍ରକ୍ରିୟାରେ ନିଜର ତଥ୍ୟ ପ୍ରଦାନ କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ସ୍ୱଜନଗଣନା ପ୍ରକ୍ରିୟାରେ ମୋଟ ୩୩ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଛି। ଜିଲାପାଳ ସମସ୍ତ ଜିଲାବାସୀଙ୍କୁ ଏହି ଜାତୀୟ କାର୍ଯ୍ୟରେ ସକ୍ରିୟ ସହଯୋଗ କରିବାକୁ ନିବେଦନ କରିଛନ୍ତି। ସ୍ୱଜନଗଣନା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସେନସସ ନିର୍ଦ୍ଦେଶାଳୟ ଅଧିକାରୀ, ପୌର ନିର୍ବାହ ଅଧିକାରୀ, ସାଧାରଣ ଓ ବିବିଧ ବିଭାଗ ସହକାରୀ ଜିଲାପାଳ, ଦୁଇ ମାଷ୍ଟର ଟ୍ରେନର, ଏନୁମେରଟର ଏବଂ ସୁପରଭାଇଜର ଉପସ୍ଥିତ ଥିଲେ।


ସ୍ୱଜନଗଣନା ପ୍ରକ୍ରିୟା କାର୍ଯ୍ୟକ୍ରମରେ ଜଲାପାଳ ଓ ଅନ୍ୟ ଅଧିକାରୀମାନେ।

## ଧର୍ମଶାଳା ଫିଜିକାଲ ଏକାଡେମୀର ପ୍ରତିଷ୍ଠା ଦିବସ

କାଏମା,୧।୪(ଶିବ ପ୍ରସାଦ ମହାନ୍ତି): ଓଡ଼ିଶା ଦିବସ ଅବସରରେ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସରରେ ଧର୍ମଶାଳା ଫିଜିକାଲ ଏକାଡେମୀର ୪ର୍ଥ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ଚନ୍ଦ୍ରମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମିନତି ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ବ୍ଲକ ଶିକ୍ଷାଧିକାରୀ ଅଭୟ ବେହେରା, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ସଙ୍ଗଠକ ଶରତ ନାୟକ ଓ ଚୋରମୁହାଁ ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନଙ୍କ ସମେତ ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଅଧିକରୁ ଅଧିକ ପରିଶ୍ରମ କରି ସେନାରେ ଯୋଗଦାନ କରିବାକୁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପ୍ରଶିକ୍ଷାର୍ଥୀ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଧର୍ମଶାଳା ବ୍ଲକ ଭବାନୀପୁର ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ଚନ୍ଦ୍ରମଣିଙ୍କ ପ୍ରଚେଷ୍ଟାରେ ଏହି ଏକାଡେମୀ ପ୍ରତିଷ୍ଠା କରାଯାଇଛି। ଏଠାରେ ଜିଲା ତଥା ଜିଲା ବାହାରର ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦେଇ ସେନା ତିଆରି କରିବାରେ ଲାଗିପଡିଛନ୍ତି ଚନ୍ଦ୍ରମଣି। ଆଗାମୀ ଦିନରେ ଏକାଡେମୀରୁ ଶତାଧିକ ପ୍ରଶିକ୍ଷାର୍ଥୀ କିପରି ସେନାରେ ଯୋଗଦେଇ ପାରିବେ ସେଥିଲାଗି ଚନ୍ଦ୍ରମଣି ଚେଷ୍ଟାରତ ବୋଲି କହିଛନ୍ତି।



ଫିଜିକାଲ ଏକାଡେମୀର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

# ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ

### ୫ ପୋଲିସ ଅଧିକାରୀ ପୁରସ୍କୃତ

ପାଣିକୋଇଲି,୧।୪(ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲିସ୍ଥିତ ଯାଜପୁର ଜିଲା ପୋଲିସ ମୁଖ୍ୟାଳୟର ରିଜର୍ଭ ପୋଲିସ ପଡ଼ିଆରେ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଯସ ପ୍ରତାପ ଶ୍ରୀମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ପରେ ପୋଲିସ କିପରି ଶୃଙ୍ଖଳିତ ହୋଇ ଜନସାଧାରଣଙ୍କ ସେବା କରିପାରିବ ଓ ନିଜେ ନିଜକୁ କିପରି ଢଙ୍ଗରେ ଜନସାଧାରଣଙ୍କ ଆଗରେ ପ୍ରତିପାଦିତ କରିପାରିବ ସେ ବିଷୟରେ କହିବା ସହ ପ୍ରାଣବଳୀ ଦେଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ନେଇ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜିଲା ପୋଲିସରେ କର୍ତ୍ତବ୍ୟରତ ଶ୍ରେଷ୍ଠ ଏସ୍‌ଆଇଭାବେ ସୌମ୍ୟରଞ୍ଜନ ବଳ, ଶ୍ରେଷ୍ଠ ଏଏସ୍‌ଆଇ ଭାବେ ହରେକୃଷ୍ଣ ସ୍ୱାଇଁ, ଶ୍ରେଷ୍ଠ ହାବିଲଦାରଭାବେ ବିପିନ ବିହାରୀ ମହାନ୍ତି, ଶ୍ରେଷ୍ଠ କନଷ୍ଟେବଳ ଭାବେ ଜଖପୁରା ଥାନାର ବିଜୟ ସାହୁ, ଶ୍ରେଷ୍ଠ ଏପିଆର କନଷ୍ଟେବଳ ଭାବେ ଅଚ୍ୟୁତାନନ୍ଦ ଦାସଙ୍କୁ ଏସ୍‌ପି ମାନପତ୍ର, ପୁଷ୍ପଗୁଚ୍ଛ ଓ ଅର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ରିଜର୍ଭ ଇନ୍‌ସପେକ୍ଟର ଦିନେଶ ସାହୁ, ସରଜେଣ୍ଟ ମନୋଜ ସାହୁ, ବିଶ୍ୱରଞ୍ଜନ ଗଡ଼ପାରୀ ପ୍ରମୁଖ ପରେଡ ପରିଚାଳନା କରିଥିଲେ। ଅତିରିକ୍ତ ଏସ୍‌ପି ଶୀତକଣ୍ଠ କାନୁନଗୋ ମାନପତ୍ର ପଠନ କରିଥିଲେ। କଳିଙ୍ଗନଗର ଅତିରିକ୍ତ ଏସ୍‌ପି ସୁପ୍ରଶନ୍ନ ମଲିକ, ଅତିରିକ୍ତ ଏସ୍‌ପି (ଡିଆଇବି) ପୁଷ୍ପଲତା ବାରିକ, ଲକ୍ଷ୍ମୀଧର ସ୍ୱାଇଁ, ରତିକାନ୍ତ ଗିରି, ଅତିରିକ୍ତ ଏସ୍‌ପି ଶଙ୍କର୍ଷଣ ଦଳାଇ, ହେଡକ୍ୱାର୍ଟର ଡିଏସପି ଆଦିତ୍ୟ ସେଠୀ, ଯାଜପୁରରୋଡ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର, ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ, ଯାଜପୁରରୋଡ ଥାନାଧିକାରୀ ଆଶିଷ କୁମାର ସାହୁ, ଧର୍ମଶାଳା ଥାନାଧିକାରୀ ଚିନ୍ମୟୀ ସାହୁ, ଦଶରଥପୁର ଥାନାଧିକାରୀ ସୁବ୍ରତ ସାହୁ, କାଳିଆପାଣି ଥାନାଧିକାରୀ ପ୍ରକାଶ ଚନ୍ଦ୍ର ପ୍ରଧାନ, ସୁକିନ୍ଦା ଥାନାଧିକାରୀ ରମାକାନ୍ତ ମୁଦୁଲି, ଟମକା ଥାନାଧିକାରୀ ବିନତି ଦାସ, ବୈରୀ ଥାନାଧିକାରୀ ଅଂଶୁମାଳା ଦାସ, ବ୍ରହ୍ମବରଦା ଥାନାଧିକାରୀ ଜୟନ୍ତୀ ମଲିକଙ୍କ ସମେତ ଜିଲାର ସମସ୍ତ ପୋଲିସ ପଦାଧିକାରୀ ଓ ବିଭିନ୍ନ ଥାନାଧିକାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ପରେଡ୍।

## ଯୁଗାନ୍ତର ସାଂସ୍କୃତିକ ପରିଷଦ ପକ୍ଷରୁ ଓଡ଼ିଶା ଦିବସ

ଚଣ୍ଡିଖୋଲ,୧।୪(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ୍ ରଇପୁରସ୍ଥିତ ଯୁଗାନ୍ତର ସାଂସ୍କୃତିକ ପରିଷଦ ପକ୍ଷରୁ ବାଲିକୁଦାଠାରେ ଓଡ଼ିଶା ଦିବସ ସମାରୋହ ଓ କବିତା ପାଠୋତ୍ସବ ଅନୁଷ୍ଠାନର ସଭାପତି କିଶୋର ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କୃଷି ବୈଜ୍ଞାନିକ ପ୍ରଫେସର ଦାମୋଦର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ଦିବସର ମହନୀୟତା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତାଭାବେ ବିଶିଷ୍ଟ ସାହିତ୍ୟିକ ଅସିତ ମହାନ୍ତି, ସମ୍ମାନିତ ଅତିଥି ଭାବରେ ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାପତି ସଂଘମିତ୍ରା ଜେନା ଓ ଅଧ୍ୟାପକ ରୁଦ୍ରନାରାୟଣ ଦାସ ଯୋଗଦେଇ ସତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଯେଉଁ ମହାପୁରୁଷଙ୍କ ଅବଦାନ ରହିଛି ସେମାନଙ୍କୁ ସ୍ମରଣ କରିବା ସହିତ ପୁନର୍ଗଠନ ଓଡ଼ିଶା ବିଷୟରେ ଆଲୋକପାତ କରିଥିଲେ। ଯୁଗାନ୍ତରର ସମ୍ପାଦକ ଭାଗ୍ୟଧର ସାହୁ ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ବିଜୟ ସାହୁ, ଶୋଭନୀୟ ଶିକ୍ଷାଶ୍ରମର ଗୁରୁମା ବରଦା ମହାନ୍ତି, ଓଡ଼ିଶା ପ୍ରଶାସନିକ ସେବା ପାଇଁ କଞ୍ଚିତା ଜେନା, କଣ୍ଠଶିଳ୍ପୀ ଶରତ ଚନ୍ଦ୍ର ବାରିକ, ଶିକ୍ଷୟିତ୍ରୀ ରତ୍ନପ୍ରଭା ବିଶ୍ୱାଳ, ପ୍ରତିଭା ଦାସ, ପ୍ରସ୍ତର ଶିଳ୍ପୀ ସୁଶାନ୍ତ ଦାସ, କୃଷ୍ଣଚନ୍ଦ୍ର ଘଡ଼େଇ, ସଞ୍ଜୀବ ଜେନା, ଗଦାଧର ଦାସ, କୁଷଧ୍ୱଜ ସାମଲ, ସୁବ୍ରତ ତରାଇ, ରବୀନ୍ଦ୍ର ମହାନ୍ତି, ମହେନ୍ଦ୍ର ନନ୍ଦ, ବସନ୍ତ ପ୍ରଧାନ ଓ ବୈଷ୍ଣବ ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ବିଧାନ ଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।


ଯୁଗାନ୍ତର ସାଂସ୍କୃତିକ ପରିଷଦର ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ

କାଳିଆପାଣି,୧।୪(ଅସିତ ମହାନ୍ତ): ସୁକିନ୍ଦା ବ୍ଲକ୍ ବିରାଶାଳ କ୍ଲଷ୍ଟର ଚଡ଼େଇରଗଡା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଲମୋହନ କାଣ୍ଡୁଲନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅଙ୍ଗନବାଡି କର୍ମୀ ନିରୂପମା ଦେହୁରୀ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ଉପସଭାପତି ପଙ୍କଜିନୀ ମହାନ୍ତ, ୱାର୍ଡସଭ୍ୟ ମୋହନ ଦେହୁରୀ, ଟାଟା ଷ୍ଟିଲ ଫାଉଣ୍ଡେଶନର ଶିକ୍ଷା ସହାୟିକା କୁନ୍ତଳା ଦେହୁରୀ, ସଭ୍ୟା ଭାରତୀ ଦେହୁରୀ, ଚନ୍ଦନୀ ଦେହୁରୀ, ସୁଷମା ଦେହୁରୀ, ସହକାରୀ ଶିକ୍ଷକ ଅଶୋକ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ତରାଳରେ ଥିବା ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଛାତ୍ରୀଛାତ୍ରଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ଗାନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମାନନ୍ଦ ପାଣିଗ୍ରାହୀ ପରିଚାଳନା କରିଥିଲେ। ଶକୁନ୍ତଳା ମହାନ୍ତ ଓ ଜହ୍ନ ଦେହୁରୀ ସହଯୋଗ କରିଥିଲେ।


ଚଢ଼େଇରଗଡା ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

## ଚଣ୍ଡିଖୋଲ ପ୍ରେସ୍ କ୍ଲବର ଓଡ଼ିଶା ଦିବସ

ଚଣ୍ଡିଖୋଲ,୧।୪(ପ୍ରଦୀପ୍ତ କୁମାର ପୃଷ୍ଟି): ଚଣ୍ଡିଖୋଲ ପ୍ରେସ୍‌କ୍ଲବ ପକ୍ଷରୁ ବୁଧବାର ବଡ଼ଚଣା ପୂର୍ତ୍ତ ବିଭାଗ ବଙ୍ଗଳା ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିସହିତ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ଭକ୍ତଚରଣ ସାହୁଙ୍କ ସଭାପତିତ୍ୱ ଓ ସମ୍ପାଦକ ପ୍ରମୋଦ ଜେନାଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ କ୍ଲବର ଉପଦେଷ୍ଟା ମହେଶ୍ୱର ବଳ ଯୋଗଦେଇ ନୂତନ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସମସ୍ତ ବରପୁତ୍ରଙ୍କ ବଳିଷ୍ଠ ଉଦ୍ୟମ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରେସକ୍ଲବର ଉପସଭାପତି ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ସମେତ ସହସମ୍ପାଦକ ପବିତ୍ର ସାମଲ, କୋଷାଧ୍ୟକ୍ଷ ଉତ୍କଳ ପ୍ରସନ୍ନ ପ୍ରଧାନ, କାର୍ଯ୍ୟକାରୀ ସଭ୍ୟ ଦିଗାମ୍ବର ମହାପାତ୍ର, ତାପସ ମିଶ୍ର, ବିମଳ ବେହେରା, ତ୍ରୈଲୋକ୍ୟ ନାୟକ, ମନୋଜ ମହାନ୍ତି, ସଭ୍ୟ ମନୋଜ ପଣ୍ଡା, ତଫିରୁଦ୍ଦିନ ଖାଁ, ଅଜୟ ଜେନା ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ସମ୍ପର୍କରେ ନିଜ ନିଜର ଅଭିମତ ପରିପ୍ରକାଶ କରିଥିଲେ। ଏହାପରେ ପ୍ରେସକ୍ଲବର ଆଗାମୀ କାର୍ଯ୍ୟ ପନ୍ଥା ବିଷୟରେ ସମସ୍ତ ସଭ୍ୟ ନିଜର ମତ ପ୍ରଦାନ କରିଥିଲେ।

## ଭାଷାଭିତ୍ତିକ ରାଜ୍ୟ ଗଠନରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର

### ଗୋକର୍ଣ୍ଣିକା, ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଧର୍ମଶାଳା,୧।୪(ବଟକୃଷ୍ଣ ପରିଡ଼ା): ଗୋକର୍ଣ୍ଣିକା ସାହିତ୍ୟ ସମାଜ ଓ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋକର୍ଣ୍ଣିକା କାର୍ଯ୍ୟାଳୟଠାରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି, ମୁଖ୍ୟବକ୍ତା ଭାବେ ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ସମ୍ମାନିତ ଅତିଥି ଭାବେ କବି ସଂଗ୍ରାମ କେଶରୀ ଜେନା, କବି ସୁନାକାର ସାହୁ ଓ ଶିକ୍ଷକ ସଂଘ ନେତା ହୃଷୀକେଶ ସାମଲ ଯୋଗଦେଇ ଭାଷାଭିତ୍ତିକ ରାଜ୍ୟ ଗଠନରେ ଓଡ଼ିଶାର ସ୍ଥାନ ଦେଶରେ ସ୍ୱତନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଇନ୍ଦୁପ୍ରଭା ସାମଲ ଅତିଥି ପରିଚୟ ଦେବା ସହ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟାସକବି ଫକୀର ମୋହନ ସେନାପତି, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତିଦେବ, ସ୍ୱଭାବ କବି ଗଙ୍ଗାଧର ମେହେର, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ରଞ୍ଜିତା ବାରିକ ଧନ୍ୟବାଦ ଦେଇଥିଲେ।

ସେହିପରି ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକା ହାଇସ୍କୁଲ ପାଠାଗାର ପରିସରରେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସନ୍ତୋଷ ମହାପାତ୍ର ଯୋଗଦେଇ ଦିବସର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ଗୋବିନ୍ଦଚନ୍ଦ୍ର ସାହୁ, ବିଜୟ ଦେବତା, ପ୍ରଫୁଲ୍ଲ ସ୍ୱାଇଁ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ମୁଖପତ୍ର 'ଗଙ୍ଗଶିଉଳି'ର ଦୋଳ ବିଶେଷାଙ୍କକୁ ଅତିଥି ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ଯୁଧିଷ୍ଠିର ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ ଜଣାଇଥିବାବେଳେ ଶିକ୍ଷାବିତ୍ ବେଣୁଧର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବସନ୍ତ ଭିତ୍ତିକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗଣେଶ୍ୱର ବେହେରା ଓ ସବିତା ମିଶ୍ର ପଠିତ କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ବହୁ କବି କବିତା ପାଠ କରିଥିଲେ। କାହ୍ନୁଚରଣ ଦାଶ ଧନ୍ୟବାଦ ଦେଇଥିଲେ।



ଗୋକର୍ଣ୍ଣିକା ସାହିତ୍ୟ ସମାଜର ଓଡ଼ିଶା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ଆଦିନେତା ବିଚିତ୍ରାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଯାଜପୁର,୧।୪(ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲା କଣ୍ଟାବଣିଆ ଗ୍ରାମରେ ୧୮୨୭ ମସିହାରେ ଜନ୍ମ ଗ୍ରହଣ କରିଥିବା ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ପ୍ରତିମୂର୍ତ୍ତି ଓଡ଼ିଶା ଦିବସ ଅବସରରେ ଶାସନ୍ଦା ବଟମହାପୁରୁଷ କ୍ଷେତ୍ରରେ ଉନ୍ମୋଚିତ ହୋଇଯାଇଛି। ଅଖିଳଚକ୍ରର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର ଏହାର ଅନାବରଣ କରିଥିଲେ। କଟକ ଗୌରୀଶଙ୍କର କାର୍ଯ୍ୟ ଭବନରେ ଥିବା ପ୍ରତିମୂର୍ତ୍ତିକୁ ଅନୁକରଣ କରାଯାଇ ଏହି ପ୍ରତିମୂର୍ତ୍ତି ସ୍ଥାନୀୟ ଶିଳ୍ପୀ ନିର୍ମାଣ କରିଛନ୍ତି। ବରିଷ୍ଠ ନାଗରିକ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଶାନ୍ତନୁ ଧଳ, ମାର୍କଣ୍ଡ ସ୍ୱାଇଁ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ସରପଞ୍ଚ କାମଦେବ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଖିଳ ଚକ୍ରର ସଭାପତି ରାଜ୍ୟବର୍ଦ୍ଧନ ଯାଜପୁର ଜିଲାର ବରପୁତ୍ରଙ୍କ ସମ୍ପର୍କରେ ଆଲୋଚନା କରା ଯାଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଖରସ୍ରୋତା ପୁସ୍ତମେଳା କମିଟି ସଭାପତି ପଦ୍ମାକର ଗୁରୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ସାଧକ ଏପର୍ଯ୍ୟନ୍ତ ଅନାଲୋଚିତ ହୋଇ ରହିଛନ୍ତି। ଏଥିପାଇଁ ଅଖିଳଚକ୍ରର ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିବା ସହିତ ଏହାକୁ ଏକ ଆନ୍ଦୋଳନର ରୂପ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଖବରଦାତା ଅଜୟ ଦାସ, ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା, ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ଅକ୍ଷୟ ସେଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଶାମେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଅଟଳବିହାରୀ ନାୟକ, ଛତିଶ ଦେଉିଲ ଶ୍ରୁତି ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ କାମଦେବ ବିଶ୍ୱାଳ, ନାରୀ କବି ବିଦ୍ୟୁତ ପ୍ରଭା ଦେବୀ ସ୍ମୃତିକମିଟିର ସମ୍ପାଦକ ସନ୍ତୋଷ ବେଉରିଆ, ଆନନ୍ଦମୟୀ ଶିଶୁ ନିକେତନ ଅଧ୍ୟକ୍ଷ ଅକ୍ଷୟ ଦାସ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ସତ୍ୟରଞ୍ଜନ ସ୍ୱାଇଁ, ପୁସ୍ତମେଳା କମିଟିର ସଦସ୍ୟ ରମାକାନ୍ତ ନାୟକ, ବିଞ୍ଝାରପୁର ପ୍ରେସଫୋରମର ସଭାପତି ରାଣା ପ୍ରତାପ ମହାପାତ୍ର, ମା' ରମାଦେବୀ ଆଶ୍ରମର ନିମାଁଇ ଚରଣ ରାୟ, କବି ରମାକାନ୍ତ ନାୟକ, ସୁବାସ ଚନ୍ଦ୍ର ସାହାଣୀ, ଦିଲୀପ ସାମଲ, ସଂଗଠକ ଅଭୟ ବେଉରିଆ, ନିରଞ୍ଜନ ସ୍ୱାଇଁ, ଗୁରୁଚରଣ ସ୍ୱାଇଁ, ଶୁଭମ ସ୍ୱାଇଁ, ଅଙ୍କିତ ସ୍ୱାଇଁ ପ୍ରମୁଖ ଆଦିନେତାଙ୍କ ସମ୍ପର୍କରେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡିଆ ଭାଷା ଓ ଶିକ୍ଷାକୁ ଯିଏ ସବୁଦିନ ପାଇଁ ବଞ୍ଚାଇ ଦେଇଗଲେ ଏବଂ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଆନ୍ଦୋଳନର ଯିଏ ସୂତ୍ରଧର ଥିଲେ, ସେହି ଆଦିନେତା ବିଚିତ୍ରାନନ୍ଦଙ୍କୁ କେହି ମନେପକାନ୍ତି ନାହିଁ ବୋଲି ଏହି ଅବସରରେ ଅଭିଯୋଗ ହୋଇଥିଲା।



ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

# ସରଳ, ଅମାୟିକ ବ୍ୟକ୍ତି ଥିଲେ ଦୈତାରୀ ସାର

ମାର୍ଶାଘାଇ,୧୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବାଲିଘାଇ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୈତାରି ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ଭାଗ୍ୟଧର ପତିଙ୍କ ସଂଯୋଜନା ଏବଂ ଶିକ୍ଷକ ପତିତପାବନ ଦାସଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ଏବିଇଓ ସୁଶାନ୍ତ କୁମାର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୈତାରି ସାର୍ ଜଣେ ଛାତ୍ରବତ୍ସଳ, ସରଳ ଓ ଅମାୟିକ ବ୍ୟକ୍ତି ଥିଲେ ବୋଲି କହିଥିଲେ। ଅନ୍ୟତମ ଏବିଇଓ ହିରଣ୍ୟ କୁମାର ବାରିକ, ପୂର୍ବତନ ସିଆର୍‌ସିସି ଅଶ୍ୱିନୀ କୁମାର ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ରାଜକିଶୋର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଦୈତାରି ସାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ନିମାଇଁ ଚରଣ ବେହେରା ଅତିଥି ପରିଚୟ, ପୂର୍ବତନ ସିଆର୍‌ସିସି ଦୀପକ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ସୁଦୀପ୍ତା ସାହୁ ମାନପତ୍ର ପଠନ କରିଥିଲେ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ରାଜନଗର,୧୪ (ଭାସ୍କର ରାଉତରାୟ)

ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁଣ୍ଡି ସଂସାରଫଳସ୍ଥିତ ସର୍ବପୁରାତନ ଲକ୍ଷ୍ମୀ ସୁବଳ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ବେହେରାଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାପୀଠ ଶିକ୍ଷା କମିଟି ସଭାପତି ବାସୁଦେବ ପାତ୍ରଙ୍କ ପୌରୋହିତ୍ୟ ଏବଂ ଶିକ୍ଷାବିତ୍ ସୁରେଶ ଜେନାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ବିଇଓ ଅଜିତ କୁମାର ବାରିକ ମୁଖ୍ୟ ଅତିଥି, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ମଳୟ କୁମାର ଜେନା, ଶିକ୍ଷାବିତ ତ୍ରିଲୋଚନ ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ଭାରତୀପ୍ରଭା ଆଚାର୍ଯ୍ୟ, ପୁରାତନ ଛାତ୍ର ଅନନ୍ତ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ବେହେରାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିବା ସହିତ ବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ ତାଙ୍କର ବଳିଷ୍ଠ ଅବଦାନକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷା କମିଟି, ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପସ୍ଥିତ ଛାତ୍ରୀଛାତ୍ର, ମୁରବି, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବିଦାୟ ଦେବାବେଳେ ଆବେଗପୂର୍ଣ୍ଣ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ସିଆରସିସି ଆଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା

ରାଜନଗର,୧୪ (ଭାସ୍କର ରାଉତରାୟ)

ଓଡ଼ିଶା ଦିବସ ଅବସରରେ ରାଜନଗର ପଞ୍ଚାୟତ ସମିତି ଆନୁକୂଲ୍ୟରେ ରାଜନଗର ବଜାର, ହଂସୁଆ ସେତୁ ସମେତ ବିଭିନ୍ନ ସ୍ଥାନରେ ସମୂହ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଡିଓ ଅଶୋକ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିତ୍ୟ କୁମାର ମିଶ୍ର ଏବଂ ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଓ ରାଜନଗର ହାଇସ୍କୁଲର ସ୍ୱେଚ୍ଛାସେବୀ ପିଲାଙ୍କ ସହିତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା ବାର୍ତ୍ତା ନେଇ ଏହି ମିଳିତ ସଫେଇ ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ବ୍ଲକ ଅଧ୍ୟକ୍ଷା ପାତ୍ର କହିଛନ୍ତି।

# ଇଂଲିଶ୍, ହିନ୍ଦୀ ପ୍ରଭାବରେ ଓଡ଼ିଆ ଭାଷା ଅଣଦେଖା

ପଞ୍ଚାମୁଣ୍ଡାଇ, ୧୪ (କଳ୍ପତରୁ ନାୟକ)



ଓଡ଼ିଶା ଦିବସ ପାଳନରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡ଼ା ଜିଲା ପଞ୍ଚାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳନ କରାଯାଇଛି। ପଞ୍ଚାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଆଇନଜୀବୀ ଗୋପୀନାଥ ତ୍ରିପାଠୀଙ୍କ ସଂଯୋଜନାରେ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ କସ୍ତୁରୀ କଳାନିକେତନ ପରିସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଅତିଥିମାନେ କହିଥିଲେ, ୧୯୩୬ ଏପ୍ରିଲ ୧ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା। ଓଡ଼ିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହୋଇଥିଲେ ସୁଦ୍ଧା ବିଧିବଦ୍ଧ ତଥା ଆନୁଷ୍ଠାନିକ ଭାବେ ସରକାରୀସ୍ତରରେ ଓଡ଼ିଶା ଦିବସ ଉତ୍ସବ ୧୯୭୪ ମସିହାଯାଏ ପାଳିତ ହେଉ ନ ଥିଲା। ୧୯୭୫ ମସିହାଠାରୁ ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଓଡ଼ିଶା ଦିବସ ସରକାରୀ କାର୍ଯ୍ୟକ୍ରମ ଭାବେ ଆରମ୍ଭ ହୋଇଥିଲା। ୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା । ହେଲେ ମର୍ଯ୍ୟାଦାଜନକ ଶାସ୍ତ୍ରୀୟ ମାନ୍ୟତା ପାଇଥିବା 'ଓଡ଼ିଆ' ଯେଉଁଠି ସେଇଠି ରହିଯାଇଛି। ବରଂ ଇଂଲିଶ୍ ଏବଂ ହିନ୍ଦୀ ପ୍ରଭାବରେ ଓଡ଼ିଆ ଭାଷା ଅଣଦେଖା ହୋଇପଡ଼ିଛି। ଭାଷାର ଅଗ୍ରଗତି ପରିବର୍ତ୍ତେ ଅଧୋଗତି ହୋଇଛି।

ଓଡ଼ିଶା ଏକଦା ଚଣ୍ଡାଶୋକଙ୍କୁ

## ପଞ୍ଚାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଓଡ଼ିଶା ଦିବସ

### ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱରେ ଓଡ଼ିଶା ଦିବସ ଆରମ୍ଭ ହୋଇଥିଲା

ଧର୍ମାଶୋକରେ ପରିଣତ କରିଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରି ଓଡ଼ିଶାର ବୀରପୁତ୍ରମାନଙ୍କର ବହୁ ଗାଥା ରହିଛି। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ, ଶିକ୍ଷୟିତ୍ରୀ ଆରାଧନା ଦାଶ, ତପନ ପାତ୍ର, ରିଜୱାନା ବେଗମ, ନବକିଶୋର ପଣ୍ଡାଙ୍କ ସମେତ ବହୁ କବି, ଗାଳ୍ପିକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ବିକାଶ ପରିଷଦର ସମ୍ପାଦକ ଗୋପୀନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପଞ୍ଚାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ଯୁଗ୍ମ ସମ୍ପାଦକ କୁମାର ସତ୍ୟନାରାୟଣ ନାୟକ, କୋଷାଧ୍ୟକ୍ଷ ଗୀତାଞ୍ଜଳି ପୃଷ୍ଟି, ପାଠାଗାର ସମ୍ପାଦକ ସିନାରାଣୀ ଓଝା, ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ବହୁ ସଦସ୍ୟ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଯୋଗଦାନ ଦେଇଥିବା ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପଞ୍ଚାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି।

# ଡେରାବିଶ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଓଡ଼ିଶା ଦିବସ

ଡେରାବିଶ, ୧୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ମହୋତ୍ସବର ଆୟୋଜକ ଡେରାବିଶ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବୁଧବାର ଓଡ଼ିଶା ଦିବସ ସମାରୋହ ପାଳିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ତିଲକପୁରସ୍ଥିତ ସଙ୍ଗଠନ କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ସାଂସ୍କୃତିକ ସଙ୍ଗଠନ ଉପସଭାପତି ନିଗମାନନ୍ଦ ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଚିତରଞ୍ଜନ ଦାସ ମୁଖ୍ୟ ଅତିଥି, ବିଡିଓ ନମିତା ବାରିକ ମୁଖ୍ୟବକ୍ତା ଏବଂ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପା ନେତା ସରୋଜକାନ୍ତ ସାହୁ, ବିଜେଡି ନେତା ରବୀନ୍ଦ୍ର ସାମଲ, ଜିଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଓ ସମିତିସଭ୍ୟ ନିରଞ୍ଜନ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନର ଐତିହାସିକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ଉପଦେଷ୍ଟା ସଚ୍ଚିଦାନନ୍ଦ ରଥ, ମହେନ୍ଦ୍ର କୁମାର ସିଂହଙ୍କ ସମେତ ସଙ୍ଗଠନ ସମ୍ପାଦକ ସରୋଜ କୁମାର ଦାଶ, ସହ ସମ୍ପାଦକ ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ, କୋଷାଧ୍ୟକ୍ଷ ରାମଚନ୍ଦ୍ର ରାଉତ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ଜଗଦାନନ୍ଦ ଜେନା ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ଶିକ୍ଷକ ସୁବୋଧ କୁମାର ପରିଡାଙ୍କୁ ସଙ୍ଗଠନ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଂଗଠନ କର୍ମକର୍ତ୍ତା ବିପିନ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।

# ଜୀବନ ଗଠନରେ ଶିକ୍ଷାର ଭୂମିକା ରହିଛି



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ବାପୁଜୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାପୀଠ ବାର୍ଷିକ ଉତ୍ସବ

ଆଳି, ୧୪ (ବନମାଳୀ ସେନାପତି )

ଆଳି ସିଙ୍ଗିରି ପଞ୍ଚାୟତ ବେଲାରୀଠାରେ ଥିବା ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାପୀଠର ଦ୍ୱିତୀୟ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଇଓ ଅନ୍ତର୍ଯ୍ୟାମୀ ମଲ୍ଲିକ, ମୁଖ୍ୟବକ୍ତା ବୀର କିଶୋର ସୁତାର ଯୋଗଦେଇ କହିଥିଲେ, ଜୀବନ ଗଠନ କ୍ଷେତ୍ରରେ ଶିକ୍ଷାର ଆବଶ୍ୟକତା ରହୁଛି। ଛାତ୍ରୀଛାତ୍ରମାନେ ପାଠ ପଢ଼ା ସହିତ ଖେଳକୁଦ କରିବା ଜରୁରୀ। ଛାତ୍ରୀଛାତ୍ରମାନେ ଜୀବନର ଲକ୍ଷ୍ୟ ନେଇ ଆଗେଇ ଚାଲିଲେ ନିଶ୍ଚିତ ଭାବେ ଜୀବନରେ ଭଲ ମଣିଷ ହୋଇପାରିବେ। ପିଲାମାନେ ଏବେ ମୋବାଇଲ ମାନିଆ ହୋଇ ଅବାଟକୁ ଚାଲି ଯାଉଛନ୍ତି। ମୋବାଇଲ ଠୁ ପିଲାମାନଙ୍କୁ ଦୁରେଇ ରଖିବା ନିମନ୍ତେ ଅଭିଭାବକମାନେ ସଚେତନ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ହରିହର ସାହୁ, ସିଆର୍‌ସିସି ହରିଶଙ୍କର ତରାଇ, ଅନିଲ କୁମାର ନନ୍ଦ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦାସ, ପୂର୍ବତନ ଶିକ୍ଷକ ସୁଶାନ୍ତ କୁମାର ଦାସ, ବୁଦ୍ଧିଜୀବୀ ଗୟାଧର ଗେଡ଼ି, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି କଳ୍ପନା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅର୍ଚ୍ଚନାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

# ପୁସ୍ତକ ପଠନ ସମାଜରେ ପରିବର୍ତ୍ତନ ଆଣିଥାଏ





ପାଠାଗାର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଡେରାବିଶ,୧୪ (ବେବର୍ତ୍ତା ଅଜୟ ଦାସ)

ପୁସ୍ତକ ପଠନ ସମାଜରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥାଏ ବୋଲି ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଧାପକ ଡ. କାଳନ୍ଦି ଚରଣ ସାହୁ ମତବ୍ୟକ୍ତ କରିଛନ୍ତି। ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ାସ୍ଥିତ କିରଣକୁଞ୍ଜଠାରେ ଡେରାବିଶ ପାଠାଗାରର ବାର୍ଷିକ ଉତ୍ସବ, ପାଠକ ସମ୍ମିଳନୀ ଓ ସ୍ୱର୍ଗତ ଇଂ. ବାନାମ୍ବର ଦାସଙ୍କ ଚତୁର୍ଦ୍ଦଶତମ ଶ୍ରାଦ୍ଧବାର୍ଷିକ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ପାଠାଗାରର ସଭାପତି ଡ. ଭକ୍ତକବି ଦାସ ଅଧ୍ୟକ୍ଷତା କରି ପାଠାଗାରର ସମସ୍ତ ପାଠକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବ୍ଲକ ଅଞ୍ଚଳରେ ଛାତ୍ର, ଯୁବକ ଓ କୃଷକମାନଙ୍କ ମଧ୍ୟରେ ପାଠ୍ୟପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଡେରାବିଶ ପାଠାଗାର ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କହିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଡ. ସାହୁ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ

## ଡେରାବିଶ ପାଠାଗାରର ବାର୍ଷିକ ଉତ୍ସବ, ପାଠକ ସମ୍ମିଳନୀ

ପୁସ୍ତକ ପଠନ ଦ୍ୱାରା ମଣିଷ ମନରେ ଶାନ୍ତି ଦେଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ କବି ଶ୍ରୀଧର ମହାନ୍ତି ଯୋଗଦେଇ ପ୍ରତ୍ୟେକ ଗ୍ରାମାଞ୍ଚଳରେ ଥିବା ଭାଗବତ ଟୁଙ୍ଗିରେ ଶ୍ରୀମଦ୍ ଭାଗବତ ପଠନ ପୂର୍ବରୁ ପ୍ରଥମେ ଏହି ଗ୍ରନ୍ଥକୁ ମୁଣ୍ଡିଆ ମାରି ପଠନ କରାଯିବା ସହ ପ୍ରତ୍ୟେକ ଓଡ଼ିଆ ଘରର ଗୃହିଣୀମାନେ ଗୁରୁବାର ଓଷା ସମୟରେ ଲକ୍ଷ୍ମୀପୁରାଣ ପଠନ ପୂର୍ବରୁ ପୁରାଣ ବହିକୁ ପ୍ରଥମେ ମୁଣ୍ଡିଆ ମରିଥାନ୍ତି ବୋଲି କହିଥିଲେ। ପୁସ୍ତକ ପ୍ରତ୍ୟେକ ମଣିଷ ଭିତରେ ମଣିଷ ପଣିଆ ସୃଷ୍ଟି କରିବାରେ ପ୍ରେରଣା ଯୋଗାଇଥାଏ ବୋଲି ସେ କହିଥିଲେ। ପାଠାଗାର ମାଧ୍ୟମରେ ଡେରାବିଶ ଅଞ୍ଚଳରେ ଶିକ୍ଷାର ଅଭିବୃଦ୍ଧି ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଥିବା ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ନେତା ରବି ସାମଲ, ସାମାଜିକ କର୍ମୀ ହଳଧର ଦାଶ ଓ ଅଧ୍ୟାପକ ଅଜୟ କୁମାର ପତି ଯୋଗଦେଇ ଇଞ୍ଜିନିୟର ବାନାମ୍ବର ଦାଶଙ୍କ ଉଦ୍ୟମରେ ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ପ୍ରଭୃତି କ୍ଷେତ୍ରରେ ବହୁବିଧ ଉନ୍ନତି ହୋଇଥିବା ବିଷୟରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ପ୍ରଭାକର ସାମଲ ଓ ଗୋଲଖ ଚନ୍ଦ୍ର ମହାଭୋଇ, ଲିନା ଦାସ ଓ ଶିକ୍ଷାବିତ ହୃଷୀକେଶ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ଆସରରେ ମେଜର ଭରତ ଚନ୍ଦ୍ର ଜେନା, ଭବାନୀକାନ୍ତ ଦାସ ପ୍ରମୁଖ ଅଂଶଗ୍ରହଣ କରି ନିଜନିଜର ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପାଠାଗାରର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ସମ୍ପାଦକୀୟ ବିବରଣୀ ପଠନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓ ଅଧ୍ୟାପକ ବିଶ୍ୱଜିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପାଠାଗାରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବିଶିଷ୍ଟ ଶିକ୍ଷାବିତ୍ ଚନ୍ଦ୍ରମଣି ସାହୁଙ୍କ ପରଲୋକ

ମାର୍ଶାଘାଇ, ୧୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ତଥା କେନ୍ଦ୍ରାପଡ଼ା ଜିଲାର ଆଦର୍ଶ ଶିକ୍ଷକ ଚନ୍ଦ୍ରମଣି ସାହୁ (୭୬)ଙ୍କ ବୁଧବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମଙ୍ଗଳବାର ପ୍ରାୟ ସାଢ଼େ ୧୧ଟାରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାର୍ଶାଘାଇ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ, କେନ୍ଦ୍ରାପଡ଼ା ଜିଲା ଶିକ୍ଷକ ସଂଘ ନେତା, ସତ୍ୟସାଇ ସେବା ସଙ୍ଗଠନର କେନ୍ଦ୍ରାପଡ଼ା ଜିଲା ସଭାପତି, ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି, ମାର୍ଶାଘାଇ କଲେଜ ପରିଚାଳନା କମିଟିର ସଦସ୍ୟ, ମାର୍ଶାଘାଇ ହାଇସ୍କୁଲ ପୁରାତନ ଛାତ୍ରସଂସଦର ସଭାପତି, ମାର୍ଶାଘାଇ ବଜାରସ୍ଥ ଗୋପବନ୍ଧୁ କ୍ଲବ, ମାର୍ଶାଘାଇ ପୂଜ୍ୟପୂଜା ସଙ୍ଗଠନ ଭଳି ଅନେକ ସଙ୍ଗଠନ ସହିତ ସେ ଜଡିତ ଥିଲେ। ତାଙ୍କ ପରଲୋକରେ ମାର୍ଶାଘାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାହୁଙ୍କ ପରଲୋକରେ ବରିଷ୍ଠ ରାଜନେତା ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ରନେନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରଥ, ପ୍ରତାପ ମଲ୍ଲିକଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ମାର୍ଶାଘାଇ ସାଇ ମନ୍ଦିର ନିକଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ତଥା ମାର୍ଶାଘାଇ ପଞ୍ଚାୟତ ସମିତିସଭ୍ୟ ପ୍ରସନ୍ନ କୁମାର ସାହୁ ମୁଖାଗ୍ନି ଦେଇଥିଲେ।

# ବିଦ୍ୟାଳୟ ଶ୍ରେଣୀଗୃହ ଉଦ୍‌ଘାଟିତ



ଡେରାବିଶ, ୧୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ନବନିର୍ମିତ ଶ୍ରେଣୀଗୃହ ଲୋକାର୍ପଣ ଓ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଭାଜପା ରାଜ୍ୟ ସୋସିଆଲ ମିଡିଆ ପ୍ରମୁଖ ଉମାକାନ୍ତ ପଟ୍ଟନାୟକ, ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ଭାଜପା ଜିଲା ଉପସଭାନେତ୍ରୀ ମନୀଷା ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ବିଡିଓ ନମିତା ବାରିକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏମ୍‌ପିଙ୍କ ଉନ୍ନୟନ ପାଣ୍ଠିରେ ନିର୍ମିତ ନୂତନ ଶ୍ରେଣୀଗୃହକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ଶ୍ରେଣୀଗୃହର ଅଭାବ ସମସ୍ୟା ଦୂର ହୋଇ ପାରିଥିବା କହିଥିଲେ। ଏହି ଅବସରରେ ମହିଳା ସଶକ୍ତୀକରଣ ସମ୍ପର୍କିତ ସନ୍ଦର୍ଭ ଲେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଶଂସା କରିଥିବା ଏହି ବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ରଥଙ୍କ ସମେତ ଅନ୍ୟ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# ନଦୀବନ୍ଧ ରାସ୍ତା ମରାମତି ନିମ୍ନମାନର ଅଭିଯୋଗ



ମହୁ ଗ୍ରାମବାସୀ ନିର୍ମାଣାଧୀନ ରାସ୍ତା କାମକୁ ବନ୍ଦ କରୁଛନ୍ତି।

ଆଳି,୧୪(ବନମାଳୀ ସେନାପତି)

## କାମ ବନ୍ଦ କଲେ ଗ୍ରାମବାସୀ

ନଦୀନାଳ ଘେରା ଆଳି ବ୍ଲକକୁ ଚତୁଃପାର୍ଶ୍ୱରୁ ଘେରି ରହିଥିବା ଆଳି ରିଙ୍ଗ ବନ୍ଧ ମରାମତିରେ ବ୍ୟାପକ ଦୁର୍ନୀତି ସହ ନିମ୍ନମାନର ହେଉଥିବା ଅଭିଯୋଗ ଆଣି ଅଞ୍ଚଳବାସୀ ବୁଧବାର କାମ ବନ୍ଦ କରି ଦେଇଛନ୍ତି। ଆଳି ତଟବନ୍ଧ ବିଭାଗ ଅଧୀନରେ ଥିବା ଏହି ନଦୀବନ୍ଧ ରାସ୍ତା ମରାମତି ନିମନ୍ତେ ବିଭାଗ ପକ୍ଷରୁ ବହୁ କୋଟି ଟଙ୍କା ବ୍ୟୟ ହେଉଥିବା ବେଳେ ତଟବନ୍ଧ ବିଭାଗର କୌଣସି ଅଧିକାରୀ କାର୍ଯ୍ୟ ତଦାରଖ କରିବାକୁ ଆସୁନାହାନ୍ତି ବୋଲି ମହୁ ଗ୍ରାମବାସୀ କହିଛନ୍ତି। ଅଞ୍ଚଳବାସୀ ଏହାକୁ ବିରୋଧ କରି କାର୍ଯ୍ୟ ବନ୍ଦ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଆଳି ବ୍ଲକ ମହୁ ପଞ୍ଚାୟତ ନିକଟରେ ଯାଇଥିବା ନଦୀବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ବେଳେ ମରାମତି ନିମନ୍ତେ ଆଳି ତଟବନ୍ଧ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ଏହି ନଦୀବନ୍ଧ ରାସ୍ତା ପୂର୍ବରୁ ଯେଉଁଭଳି ଭାବେ ଖଣ୍ଡିଆ ଖାବରା ଥିଲା ତାହାକୁ ଖୋଳିବା ପରିବର୍ତ୍ତେ କମ୍ ପରିମାଣର ପିଚୁ ପକାଇ ନିର୍ମାଣ କରିବାକୁ ମସୁଧା ହେଉଥିବା ବେଳେ ମହୁ ଗ୍ରାମବାସୀ କାର୍ଯ୍ୟକୁ ବିରୋଧ କରିଥିଲେ। ଯାହାଫଳରେ ରାସ୍ତା ମରାମତି କାର୍ଯ୍ୟ ବନ୍ଦ ରହିଛି।

# ସାଇବର ଅପରାଧ ପୋଲିସ ପାଇଁ ବଡ଼ ଆହ୍ୱାନ

କେନ୍ଦ୍ରାପଡ଼ା, ୧୪ (ଜଗନ୍ନାଥ ଧଳ)



ପୋଲିସ ପ୍ରତିଷ୍ଠା ଦିବସରେ କୃତିତ୍ୱ ଅର୍ଜନ କରିଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ନିଷ୍ଠା, ଧୈର୍ଯ୍ୟ, ଶୌର୍ଯ୍ୟ ଓ ସମାନୁବର୍ତ୍ତିତା ଆବଶ୍ୟକ। ଦେଶର ବନ୍ୟା, ବାତ୍ୟା, ଆଇନ ଶୃଙ୍ଖଳାରେ ଓଡ଼ିଶା ପୋଲିସ ଦୀର୍ଘ ୯୧ ବର୍ଷ ହେବ ନିଜର କର୍ତ୍ତବ୍ୟପରାୟଣତା ଦେଖାଇଛି। ଏଥିପାଇଁ ପୋଲିସ ବାହିନୀ ଗର୍ବିତ ବୋଲି ଜଜାଙ୍ଗସ୍ଥିତ କେନ୍ଦ୍ରାପଡ଼ା ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ ପ୍ରକାଶ କରିଛନ୍ତି। ବୁଧବାର ସକାଳେ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ୧୯୩୬ରେ ଏହି ପୋଲିସ ବାହିନୀ ଗଠନ କରାଯାଇଥିଲା। ଓଡ଼ିଶାର ବରପୁତ୍ରଙ୍କ ପରାମର୍ଶକ୍ରମେ ଗଠିତ ଏହି ବାହିନୀ ସ୍ୱାଧୀନତା ସଂଗ୍ରାମ, ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ, ଆଇନ ଶୃଙ୍ଖଳା ପରିସ୍ଥିତିରେ ନିଜର ଭୂମିକା

## ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସମାରୋହ

ଠିକ ଢଙ୍ଗରେ ପରିଚାଳନା କରିଆସିଛି। ଏପରିକି ଆଇନ ଶୃଙ୍ଖଳା ପରିସ୍ଥିତିରେ ଆତ୍ମବଳି ଦେବାକୁ ପଛଘୁଞ୍ଚା ଦେଇନାହିଁ। ଯାହାଫଳରେ ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଦୂରତା କମିଛି। ସାମ୍ପ୍ରତିକ ସମୟରେ ଅର୍ଥନୈତିକ ଓ ସାଇବର ଅପରାଧକୁ ରୋକିବା ପୋଲିସ ପାଇଁ ନୂତନ ଆହ୍ୱାନ ସୃଷ୍ଟି ହୋଇଛି। ପୋଲିସ କର୍ତ୍ତବ୍ୟର ୧୩ଟି ନିୟମ ପାଳନକୁ ଗୁରୁତ୍ୱ ଦେବାକୁ ମୁଖ୍ୟ ଅତିଥି ଏସ୍‌ପି କାଟାରିଆ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ପୋଲିସ ବିଭାଗ ୨୦୨୫ ମସିହାର ଶ୍ରେଷ୍ଠ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାସ୍ତରୀୟ ପରେଡରେ ଜିଲାପାଳ ରଘୁରାମ ଆର. ଆୟାର, ଏଏସ୍‌ପି ସୁଧାକର ସାହୁ, ଜିଲା ପୋଲିସର ଡିଏସ୍‌ପି, ଏସ୍‌ଡିପିଓ ଓ ବିଭିନ୍ନ ଥାନାଧିକାରୀ ଯୋଗଦେଇଥିଲେ।

**ମେଡିସିନ ଷ୍ଟୋରରୁ ଚୋରି**
ଗୋପାଳପୁର,(ନବୀନ ରାଜ ଆଚାରୀ) ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଗ୍ରାମରେ ଏକ ମେଡିସିନ ଷ୍ଟୋର ସଟର ତାଲା ଭାଙ୍ଗି ଦୁର୍ବୃତ୍ତ ମଙ୍ଗଳବାର ବିଳମ୍ବିତ ରାତିରେ କଳାକନା ବୁଲାଇଛନ୍ତି। ମେଡ଼ିସିନ ଷ୍ଟୋର କରିଥିବା ଶିବ ପ୍ରସାଦ ସାମନ୍ତରାୟ ଏ ନେଇ ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ପୋଲିସ ଚୋରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଷ୍ଟୋରରୁ ଚୋର ମାନେ ଗୋଟିଏ ମୋବାଇଲ ଫୋନ ସହ ଡ୍ରୟର ଭାଙ୍ଗି ୨୦ ହଜାର ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି।



## ସଂକ୍ଷେପରେ

### ଆସିକା ପୌରାଞ୍ଚଳର ରେକର୍ଡ ରାଜସ୍ୱ ଆଦାୟ

ଆସିକା,୧୪ (ସୁରେନ୍ଦ୍ର ନାଥ ସାହୁ): ଆସିକା ପୌର ପରିଷଦ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ରେକର୍ଡ ପରିମାଣର ରାଜସ୍ୱ ଆଦାୟ ହୋଇଛି। ପୌର ଅଧ୍ୟକ୍ଷା ବିନେତା ସ୍ୱାଇଁ, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ପୌରାଞ୍ଚଳରେ କାର୍ଯ୍ୟରତ କର୍ମଚାରୀଙ୍କ ସଂକଳ୍ପବଦ୍ଧ ପ୍ରୟାସ ଯୋଗୁଁ ଏଭଳି ଆଦାୟ ହୋଇଥିବା ଜଣାପଡିଛି। ଗୃହ ଟିକସ ବାବଦକୁ ଗତବର୍ଷ ୪୫.୨୧ ଆଦାୟ ହୋଇଥିଲା ବେଳେ ଚଳିତ ବର୍ଷ ପ୍ରାୟ ୫୪ ଲକ୍ଷରେ ପହଞ୍ଚିଥିବା ଜଣାପଡିଛି। ସେହିଭଳି କୋଠା ନିର୍ମାଣ ଟିକସ, ସେସପୁଲ ଭଡା, ଠିକାଦାର ପଞ୍ଜୀକରଣ, ବର୍ଯ୍ୟବସ୍ତୁ ଉତ୍ପାଦନ ବିକ୍ରି, ବିଭିନ୍ନ ବାବଦରେ ଜରିମାନା ଆଦାୟ, ବିବାହ ପଞ୍ଜୀକରଣ ଟିକସ, ବସଷ୍ଟାଣ୍ଡ ପାର୍କିଙ୍ଗ ଫି, ଟ୍ରେଡ ଲାଇସେନ୍ସ, ୟୁଜର ଫି ଆଦି ବିଭିନ୍ନ ବାବଦରେ ଗତ ବର୍ଷ ୭୧.୪୨ ଲକ୍ଷ ଆଦାୟ ହୋଇଥିଲା ବେଳେ ଚଳିତ ବର୍ଷ ୧୨୧.୩୪ ଲକ୍ଷ ହୋଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର ସୂଚନା ଦେଇଛନ୍ତି।

### ଧରାକୋଟରେ ସ୍ୱ ଗଣନା ଆରମ୍ଭ

ଧରାକୋଟ,୧୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଗଞ୍ଜାମ ଜିଲାରେ ଜନଗଣନା- ୨୦୨୭ ଅଧୀନ ପ୍ରଥମ ପର୍ଯ୍ୟାୟରେ ସ୍ୱ ଗଣନା ବୁଧବାରଠାରୁ ଆରମ୍ଭ ହୋଇଛି। ଏହିକ୍ରମରେ ଧରାକୋଟରେ ସ୍ୱ ଗଣନା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଚାର୍ଜ ଅଫିସର ତଥା ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ସୁପରଭାଇଜର ସୌରୀ ଶଙ୍କର ବେହେରା, ଗଣନାକାରୀ ମିନତି ପତ୍ରୀ, ଗୌରୀ କୁମାରୀ ରଥ, ଝରଣା ସେନାପତି, ସୁପର୍ଣ୍ଣା ପ୍ରଧାନ ଓ ରେବତୀ ସିଂ ପ୍ରମୁଖ ଧରାକୋଟର ବିଭିନ୍ନ ସାହିରେ ମୁଖିଆ ଶ୍ରେଣୀର ବ୍ୟକ୍ତିମାନଙ୍କ ଗୃହ ଗଣନା ଆରମ୍ଭ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସରପଞ୍ଚ ପୁନିଆ ଦାସ, ୱାର୍ଡ ସଭ୍ୟ ଅଶୋକ ଗୌଡ଼, ଖବରଦାତା ପୂର୍ଣ୍ଣ ଚନ୍ଦ୍ର ନାୟକ, ହୃଦାନନ୍ଦ ଜେନା, ସମାଜିକ କର୍ମୀ ନବଘନ ଭଞ୍ଜଙ୍କ ଘରୁ ସ୍ୱ ଗଣନା ବା ନିଜ ନିଜର ଗୃହ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମେ ଗାଁ ମୁଖିଆଙ୍କ ସ୍ୱଗଣନା କରାଯାଇଥିବା ବେଳେ ସେମାନେ ଅନ୍ୟଙ୍କୁ ସଚେତନ କରିବେ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

### ଟିକିଟିରେ ବୋମାମାଡ଼, ତଦନ୍ତ ଜାରି

ଟିକିଟି,୧୪(ପ୍ରକାଶ ଚନ୍ଦ୍ର ସାହୁ ): କେ. ନୂଆଗାଁ ଥାନା ଟିକିଟି ପେଣ୍ଠ ମୁଖ୍ୟ ବଜାରରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ବଟି ଆଦାୟକୁ କେନ୍ଦ୍ରକରି ବୋମାମାଡ଼ ହୋଇଛି। କେତେଜଣ ଅସାମାଜିକ ବ୍ୟକ୍ତି ଏକ ଡ୍ରେସ ଦୋକାନକୁ ଲକ୍ଷ୍ୟ କରି ବୋମାମାଡ଼ କରିଥିବା ବେଳେ ତାହାର ଠିକ ଅଧଘଣ୍ଟା ପରେ ନେଳିଆବନ୍ଧ ଏକ ଘର ସାମ୍ନାରେ ବୋମାମାଡ଼ କରିଥିଲେ। ଖବରପାଇ କେ. ନୂଆଗାଁ ଥାନା ଅଧିକାରୀ ବିଶ୍ୱଜିତ ନାୟକ ଘଟଣାସ୍ଥଳରେ ପହଞ୍ଚି ବୋମାର କିଛି ଟୁକୁଡା ଜବତ କରିବା ସହିତ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ। ଏନେଇ ବୁଧବାର ରାତି ସୁଦ୍ଧା କେହି ଥାନାରେ ଅଭିଯୋଗ କରି ନ ଥିବା ଆଇଆଇସି କହିଛନ୍ତି।

### କାଉନ୍‌ସିଲରଙ୍କ ପରଲୋକ

ହିଞ୍ଜିଳିକାଟୁ,୧୪(ଦ୍ୱିତୀକୃଷ୍ଣ ପଣ୍ଡା) ହିଞ୍ଜିଳିକାଟୁ ପୌରପରିଷଦ ୮ ନଂ. ୱାର୍ଡର ବିଜେଡି କାଉନସିଲର ବିଳାସ କୁମାରୀ ମହାନ୍ତି (୬୮)ଙ୍କ ବୁଧବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୂର୍ବରୁ ସେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟତ୍ରୀ ଭାବେ ଅବସର ନେଇଥିଲେ। ତାଙ୍କ ମୃତ୍ୟୁରେ ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ ଶୋକ ବ୍ୟକ୍ତ କରିଛନ୍ତି।

# ଉତ୍କଳ ପ୍ରଦେଶ ଗଠନରେ ଗଞ୍ଜାମର ଅବଦାନ ଅତୁଳନୀୟ

ଭଞ୍ଜନଗର,୧୪(ବାବୁଲା ପ୍ରଧାନ):

ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ବୁଧବାର ଓଡ଼ିଶା ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ସକାଳେ ଉପଜିଲାପାଳ ଉମା ଶଙ୍କର ବେହେରା, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବିଡିଓ ଭାରତୀ ଦେବୀ, ତହସିଲଦାର ଅଭିପ୍ସା ପଟ୍ଟନାୟକ ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭା ଗୃହରେ ଏକ ସଭା ହୋଇଥିଲା। ଏଥିରେ ଉପ ଜିଲାପାଳ ବେହେରା ଅଧ୍ୟକ୍ଷତା କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗଞ୍ଜାମର ଅବଦାନ ଅତୁଳନୀୟ ବୋଲି କହିଥିଲେ। ବକ୍ତାଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଆପଟ ଯୋଗଦେଇ ଓଡିଆ ଭାଷାର ସୁରକ୍ଷା ପାଇଁ ୧୮୭୦ରେ ପ୍ରଥମେ ତତ୍କାଳୀନ ରସଲକୋଣ୍ଡା ବର୍ତ୍ତମାନର ଭଞ୍ଜନଗର

**ଘୁମୁସରରୁ ଆରମ୍ଭ ହୋଇଥିଲା ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ**



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ସହରରୁ ଆନ୍ଦୋଳନ ହୋଇଥିଲା ବୋଲି କହିଥିଲେ। ତତ୍କାଳୀନ କଟିଙ୍ଗିଆ ରାଜା ଭେଙ୍କଟେଶ୍ୱର ଦେଓଙ୍କ ସଭାପତିତ୍ୱରେ ସେ ସମୟରେ ଭଞ୍ଜନଗରରେ ପ୍ରଥମ ବୈଠକ ହୋଇଥିଲା। ଏହାପରେ ତତ୍କାଳୀନ ବ୍ରିଟିଶ ସରକାର ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ପ୍ରଚଳନ କରିଥିଲେ। ସେ ଆହୁରି କହିଥିଲେ, ଭାଷାଭିତ୍ତିକ ଆନ୍ଦୋଳନ ପରେ ୧୯୦୨ରେ ରମ୍ଭା ପ୍ୟାଲେସରେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଏକ ଭୋଜିର ଆୟୋଜନ କରି ବିଭିନ୍ନ ନେତୃବର୍ଗଙ୍କୁ ନିମନ୍ତ୍ରଣ କରି ଗଞ୍ଜାମ ଜାତୀୟ ସମିତି ନାମରେ ଏକ ଅନୁଷ୍ଠାନ ଗଠନ କରିଥିଲେ। ୧୯୦୩ ଏପ୍ରିଲରେ ବ୍ରହ୍ମପୁରଠାରେ ତାହାର ପ୍ରଥମ ବୈଠକ ହେଲା। ଉକ୍ତ ବୈଠକରେ ଉତ୍କଳ ଗୌରବ ମଧୁସୂଦନ ଦାସ ପ୍ରସ୍ତାବ ଦେଇଥିଲେ ଯେ ଗଞ୍ଜାମ ଜାତୀୟ ସମିତିର ନାମ ଏଣିକି ଉତ୍କଳ ସମ୍ମିଳନୀ କରାଯାଉ। ଏହାପରେ ୧୯୦୩ ଡିସେମ୍ବର ମାସରେ ଉତ୍କଳ ସମ୍ମିଳନୀ ବୈଠକ ବସିଥିଲା। ଦୀର୍ଘ ବର୍ଷର ଆନ୍ଦୋଳନ ପରେ ୧୯୩୫ରେ ବ୍ରିଟିଶ ସରକାର ଭାରତ ଶାସନ ଆଇନ ପ୍ରଣୟନ କରିଥିଲେ। ଉକ୍ତ ଆଇନ ବଳରେ ଓଡ଼ିଶା ଓ ସିନ୍ଧୁ ଦୁଇଟି ନୂତନ ପ୍ରଦେଶକୁ ସ୍ୱୀକୃତି ମିଳିଲା। ଏହାପରେ ୧୯୩୬ ଏପ୍ରିଲ ୧ ତାରିଖରେ ଉତ୍କଳ ପ୍ରଦେଶ ଗଠନ ହୋଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ସନ୍ତୋଷ କୁମାର ତିଆଡ଼ି, କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼. ବିଚିତ୍ରା ନନ୍ଦ ଦାସ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ ସଭାକୁ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ




ଶପଥ ଗ୍ରହଣ କରିଥିବା ନବନିର୍ବାଚିତ ସଦସ୍ୟମାନେ।

ଆସିକା,୧୪(ସୁରେନ୍ଦ୍ର ନାଥ ସାହୁ): ଆସିକା ଓକିଲ ସଂଘ କାର୍ଯ୍ୟାଳୟରେ ବୁଧବାର ମଧ୍ୟାହ୍ନରେ ଓକିଲ ସଂଘର ନବନିର୍ବାଚିତ ସଦସ୍ୟଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଂଘର ପୂର୍ବତନ ସଭାପତି ଅଜିତ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦାୟୀ ସମ୍ପାଦକ ନାରାୟଣ ମୁନୀ, ନିର୍ବାଚନ ଅଧିକାରୀ କାଳିଚରଣ ଦାସ, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ରନାଥ ପଣ୍ଡା ଓ ସଂଘର ନବନିର୍ବାଚିତ ସଦସ୍ୟମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡା, ନବନିର୍ବାଚିତ ସଭାପତି ଛବିଳରାମ ମିଶ୍ର, ସମ୍ପାଦକ ଚିତ୍ତରଞ୍ଜନ ଦାସ, ସହସମ୍ପାଦକ ଅଜିତ କୁମାର ମୁନୀ ଓ ଲାଇବ୍ରେରୀ ସମ୍ପାଦକ ସିମାଞ୍ଚଳ ସେଠୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଯାଇଥିଲେ।

## ଫାଟିଲା ଗ୍ୟାସ୍ ସିଲିଣ୍ଡର, ବର୍ତ୍ତିଲେ ପରିବାର

ଡୁମୁଡିବନ୍ଧ,୧୪(ଦିପକ କୁମାର ପରାସେଠ) ଡୁମୁଡିବନ୍ଧ ଥାନା ମୁଖ୍ୟ ବଜାର ସ୍ଥିତ ବ୍ୟବସାୟୀ ଦୁଷ୍ମନ୍ତ ସାହୁଙ୍କ ପତ୍ନୀ ସନ୍ତୋଷୀ ସାହୁ ବୁଧବାର ଗ୍ୟାସ୍‌ରେ ରୋଷେଇ କରୁଥିବା ବେଳେ ସିଲିଣ୍ଡର ଫାଟି ଯାଇଛି। ଫଳରେ ତାଙ୍କ ପରିବାର ଲୋକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଦୁଷ୍ମନ୍ତଙ୍କ ପତ୍ନୀ ରୋଷେଇ କରୁଥିବା ବେଳେ ଗ୍ୟାସ୍ ପାଇପରେ ନିଆଁ ଲାଗିଯିବାରୁ ଭୟଭୀତ ହୋଇ ଚିତ୍କାର କରି ଘର ଭିତରୁ ବାହାରକୁ ଦୌଡ଼ି ଆସିଥିଲେ। ତାଙ୍କ ଚିତ୍କାର ଶୁଣି ପଡ଼ୋଶୀ ସେଠାରେ ପହଞ୍ଚିବା ସହ ଡୁମୁଡିବନ୍ଧ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିସମ ବାହୀନ ସେଠାରେ ପହଞ୍ଚିବା ପୂର୍ବରୁ ଗ୍ୟାସ ସିଲିଣ୍ଡର ଫାଟିଯିବାର ଶବ୍ଦ ଶୁଣାଗଲା। ପ୍ରାୟ ଏକ ଘଣ୍ଟାପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏଥିରେ ଘରର ଗୋଟିଏ କାନ୍ଥ ଭୁଶୁଡ଼ି ପଡ଼ିବା ସହ ଘରର ଅନେକ ଜାଗାରେ ଫାଟ ହୋଇଥିବା ଦେଖିବାକୁ ମିଳିଛି। କିନ୍ତୁ ଗ୍ୟାସ ସିଲିଣ୍ଡର କିଭଳି ଫାଟିଲା ତାହାର ଏକ୍ସପାଇରୀ ତାରିଖ ଥିଲା କି ନାହିଁ ଜଣାପଡ଼ିନାହିଁ।

# ଅଷ୍ଟମ ବାଟାଲିୟନରେ ପୋଲିସ ପ୍ରତିଷ୍ଠା ଦିବସ

ଗଞ୍ଜାମ/ବେଲଗୁଣ୍ଠା,୧୪(ବିଦ୍ୟାଧର ସାହୁ/ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଥାନା ଅନ୍ତର୍ଗତ ଅଗସ୍ତି ନୂଆଁଗାଁ ନିକଟରେ ଛତ୍ରପୁର ଓଏସ୍‌ଏପି ଅଷ୍ଟମ ବାଟାଲିୟନରେ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡେପୁଟି କମାଣ୍ଡେଣ୍ଟ ଯଶୋବନ୍ତ ସେଠୀ ଯୋଗଦେଇ ହାବିଲଦାର ଓ ସିପାହୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପୋଲିସ ମାନଙ୍କ ସମାଜ ପ୍ରତି ରହିଥିବା କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆର୍ମଡ ଇନିସ୍ପେକ୍ଟର ଯୁଧିଷ୍ଠିର ରେଡ୍ଡୀଙ୍କ ନେତୃତ୍ୱରେ ଡେପୁଟି କମାଣ୍ଡେଣ୍ଟଙ୍କୁ ଅଭିବାଦନ ପ୍ରଦାନ କରାଯାଇଥିଲା। ଏସ୍‌ଆଇ କିଶୋର ଚନ୍ଦ୍ର ନାୟକ, ହାବିଲଦାର ଅଜିତ ପ୍ରଧାନ, ସିପାହୀ ବିଜୟ ରେଡ୍ଡୀ, ଏଏସ୍‌ଆଇ ବାବୁଲା ସେଠୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଇନିସ୍ପେକ୍ଟର ସୁବ୍ରତ ଗୌଡ଼, ଗିରିଷ ଚନ୍ଦ୍ର ମାଝୀ, ହାବିଲଦାର ଓ ସିପାହୀ ଶାଖା ସଙ୍ଘ ସଭାପତି ଯଶୋବନ୍ତ ସ୍ୱାଇଁଙ୍କ ସହ ସମସ୍ତ ଅଫିସର ଉପସ୍ଥିତ ଥିଲେ।

ସେହିପରି ବେଲଗୁଣ୍ଠା ବ୍ଲକ୍ ତନରଡା ସ୍ଥିତ ଅଷ୍ଟମ ସ୍ୱତନ୍ତ୍ର ଭାରତ ସଂରକ୍ଷିତ ବାହିନୀ (୮ମ ବାଟାଲିୟନ) ପରିସରରେ ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ମିଳିତ ପ୍ୟାରେଡ଼ରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଭିବାଦନ ଗ୍ରହଣ କରିବା ସହ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଧାୟକ ବିଷୋୟୀ ନିଜ ଭାଷଣରେ ଓଡ଼ିଶା ପୋଲିସର ଗୌରବମୟ ଇତିହାସ ଓ ସମାଜ ପ୍ରତି ଏହାର ନିର୍ଣ୍ଣୟକ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ ଦେ, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ବିଧାୟକ ପ୍ରତିନିଧି ଜିତେନ୍ଦ୍ର ନାୟକ ଏବଂ ପରିବେଶବିତ୍ ଶୁଳପାଣି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ଓଲଟିଲା ମାଛ ବୋଝେଇ ମିନି ଟ୍ରକ

ଗଞ୍ଜାମ,୧୪ (ଅନାଥ ତରାଇ ) ଗଞ୍ଜାମ ଥାନା ଅନ୍ତର୍ଗତ ବିଞ୍ଜଣାପଲି ଛକ ୧୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ବିଳମ୍ବିତ ରାତି ସାଢେ ୧୨ଟାରେ ଏକ ମାଛ ବୋଝେଇ ମିନି ଟ୍ରକ (ନଂ ଓଡି ୦୨ ସିଭି ୨୬୭୦) ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ମାଛ ବୋଝେଇ କରି ମିନି ଟ୍ରକଟି ଖେର୍ଦ୍ଧା ଅଭିମୁଖେ ଯାଉଥିଲା। ଖବର ପାଇ ଗଞ୍ଜାମ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତ ନିୟନ୍ତ୍ରଣ କରିଥିଲା। ପରେ ଅଟକି ରହିଥିବା ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ଦୁର୍ଘଟଣାରେ ଟ୍ରକ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ମିନି ଟ୍ରକରୁ ମାଛଗୁଡ଼ିକୁ ଅନ୍ୟ ଏକ ଟ୍ରକକୁ ନିଆଯାଇ କ୍ରେନ ସାହାଯ୍ୟରେ ରାସ୍ତା ମଝିରେ ପଡ଼ିଥିବା ଟ୍ରକଟିକୁ ରାସ୍ତା ପାର୍ଶ୍ୱକୁ ହଟାଯାଇଥିଲା।

## ପୋଡ଼ି ହୋଇ ଚିକିତ୍ସାଧୀନ ଛାତ୍ରୀଙ୍କ ମୃତ୍ୟୁ

ଆସିକା,୧୪(ସୁରେନ୍ଦ୍ର ନାଥ ସାହୁ):ଗଞ୍ଜାମ ଜିଲା ଆସିକା ବ୍ଲକ୍ କୋଚିନେଡ଼ା ଥାନା ଅନ୍ତର୍ଗତ ଭେଟନଈ ଗ୍ରାମରେ ଶନିବାର ଯୁକ୍ତ୩ରେ ପଢୁଥିବା ଜଣେ ଛାତ୍ରୀ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଛାତ୍ରୀ ଜଣକ ପରିବାରର ସମସ୍ତେ ବାହାର ପଟେ ଥିବାବେଳେ ସେ ବାଥ୍‌ରୁମରେ ଏଭଳି ଘଟଣା ଘଟାଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ଲାଗି ଆସିକା ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। ବୁଧବାର ରାତିରେ ସମ୍ପୃକ୍ତା ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଛାତ୍ରୀ ଜଣକ ସମ୍ପୃକ୍ତ ଯୁବକଙ୍କ ବିରୋଧରେ କୋଚିନେଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୯୮/୨୬ରେ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିଥିଲା।

# ଖାଉଟିଙ୍କୁ ଚାଉଳ ଯୋଗାଣରେ ଅବ୍ୟବସ୍ଥା ଅଭିଯୋଗ

ଦିଗପହଣ୍ଡି,୧୪ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକର ଗ୍ରାମାଞ୍ଚଳଗୁଡିକରେ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଖାଉଟିଙ୍କୁ ଚାଉଳ ଯୋଗାଣରେ ଅବ୍ୟବସ୍ଥା ହେଉଥିବା ନେଇ ସିଙ୍ଗପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଚନ୍ଦ୍ରଶେଖର ମହାପାତ୍ର ଅଭିଯୋଗ କରିଛନ୍ତି। ଗରିବ ଓ ମଧ୍ୟବିତ୍ତ ପରିବାର ଲୋକେ ପ୍ରତି ମାସରେ ଠିକ ସମୟରେ ରାଶନ ଚାଉଳ ପାଉନାହାନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏଫସିଆଇ ଚାଉଳ ଗୋଦାମରୁ ବିଭିନ୍ନ ଚାଉଳ ବଣ୍ଟନ କେନ୍ଦ୍ରକୁ ପରିବହନ ପାଇଁ ଟେଣ୍ଡର ନେଇଥିବା ଠିକାଦାରଙ୍କ ମନମାନି ଯୋଗୁ ହିତାଧିକାରୀ ଚାଉଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଚଳିତ ମାସର ଚାଉଳ ପାଇଁ ବିଭିନ୍ନ ଗ୍ରାମରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଚାଉଳ ନ ପାଇ ସେମାନେ ଫେରି ଯାଉଥିବା ଦେଖିବାକୁ ମିଳିଥିଲା। ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କ ଚୁକ୍ତିନାମା ରଦ୍ଦ କରିବାକୁ ଦାବି ହେଉଛି। ଏନେଇ ସାନଖେମୁଣ୍ଡି ବ୍ଲକ ଯୋଗାଣ ବିଭାଗ ମାର୍କେଟିଂ ଇନ୍ସପେକ୍ଟର ଅକ୍ଷୟ ସେଠୀଙ୍କୁ ପଚାରିବାରୁ ଅଭିଯୋଗ ମିଳିବା ପରେ ଦାୟିତ୍ୱରେ ଥିବା ପରିବହନ ଠିକାଦାରଙ୍କୁ ତାଗିଦ କରାଯାଇଛି। ଟେଣ୍ଡର ନେଇଥିବା ନୟାଗଡ଼ର ପରିବହନ ଠିକାଦାର ଦୀପକ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଟ୍ରକ ଡ୍ରାଇଭର ଅସୁସ୍ଥ ଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ଖୁବଶୀଘ୍ର ଚାଉଳ ବଣ୍ଟନ କେନ୍ଦ୍ରଗୁଡ଼ିକୁ ଠିକ୍ ସମୟରେ ଚାଉଳ ପହଞ୍ଚିବ ବୋଲି ସେ କହିଥିଲେ।

### ଏସ୍‌ପିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୧୪(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା ଅବସର ଗ୍ରହଣ କରିଛନ୍ତି। ଜିଲା ପୋଲିସ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ. ଶ୍ରବଣ ବିବେକ ଏମ. ଯୋଗଦେଇ ପଣ୍ଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତିଙ୍କ ସହ ଜିଲାର ସମସ୍ତ ଥାନା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ବିଦାୟୀ ଆରକ୍ଷୀ ଅଧୀକ୍ଷକ ପଣ୍ଡା ଗତ ୨୦୨୪, ଅକ୍ଟୋବର ମାସରେ ଗଜପତି ଜିଲାରେ ଯୋଗ ଦେଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସେ ବିଭିନ୍ନ ପଦକ୍ଷେପ ନେଇ ଜିଲାର ଆଇନଶୃଙ୍ଖଳା ପରିଚାଳନା କରୁଥିଲେ। ପାରଳାଖେମୁଣ୍ଡି ସହରର ଟ୍ରାଫିକ ବ୍ୟବସ୍ଥା ସୁଧାରିବାକୁ ସେ ପଦକ୍ଷେପ ନେବା ସହ ଜିଲାରେ ଗଞ୍ଜେଇ ଚାଷ ଓ କାରବାରରେ ରୋକେ ଲଗାଇବାକୁ ଉଦ୍ୟମ କରିଥିଲେ। ଜିଲାରେ ଆଇନଶୃଙ୍ଖଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସେ ଡିଜିପି ପଦକ ସହ ଅନ୍ୟାନ୍ୟ ପଦକ ହାସଲ କରିପାରିଥିଲେ।

## ସମବାୟ କେନ୍ଦ୍ର ବ୍ୟାଙ୍କ ସମ୍ପାଦକଙ୍କୁ ବିଦାୟ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୧୪ (ସୁରେନ୍ଦ୍ର ନାଥ ସାହୁ): ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ସମ୍ପାଦକ ନାରାୟଣ ମଢେଇ ମଙ୍ଗଳବାର କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ବୁଧବାର ବ୍ୟାଙ୍କ ସଭା ଗୃହରେ ବିଦାୟୀ ସମ୍ପାଦକ ବଢେଇଙ୍କୁ ପରିଚାଳନା କମିଟି ଓ କର୍ମଚାରୀଙ୍କ ପକ୍ଷରୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ୟାଙ୍କ ପରିଚାଳନା କମିଟି ସଭାପତି ମଙ୍ଗୁଲୁଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମଚାରୀ ସଂଘ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତରା, ସାଧାରଣ ସମ୍ପାଦକ ଗିତାଞ୍ଜଳୀ ବେହେରା, ଶ୍ରୀକାନ୍ତ ସ୍ୱାଇଁ, ସନୋଜ ବିଷୋୟୀ, ସାର୍ଥକ ପାଢୀ ବିଦାୟୀ ସମ୍ପାଦକଙ୍କ କାର୍ଯ୍ୟ ଶୈଳୀ, କର୍ମଚାରୀଙ୍କ ସହ ସହଯୋଗ ମନୋଭାବ ଏବଂ ବ୍ୟାଙ୍କର ସୁପରିଚାଳନା ଦିଗରେ ତାଙ୍କର ସଂକଳ୍ପବଦ୍ଧତାକୁ ପ୍ରଶଂସା କରିଥିଲେ। ଏହି ବ୍ୟାଙ୍କର ସମ୍ପାଦକ ରୂପେ ବ୍ରହ୍ମପୁର ସମବାୟ ବ୍ୟାଙ୍କର ସମ୍ପାଦକ ଭରତ ଚନ୍ଦ୍ର ସାହୁଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# କନକେଶ୍ୱରୀ ବସ୍ ମାଲିକ ସଂଘର ବୈଠକ

ପୁରଷୋତ୍ତମପୁର,୧୪(ସବିତା ମିଶ୍ର) ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ମା'କନକେଶ୍ୱରୀ ଘରୋଇ ବସ୍‌ମାଲିକ ସଂଘ ପକ୍ଷରୁ ଏକ ବୈଠକ ବୁଧବାର ସଭାପତି ସନ୍ତୋଷ କୁମାର ପତିଙ୍କ ପୌରହିତ୍ୟରେ ତାରାତାରିଣୀ ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବ୍ରହ୍ମପୁର ବସଷ୍ଟାଣ୍ଡ ଗତ ମାସ ୬ ତାରିଖରୁ ସ୍ଥାନାନ୍ତର ହୋଇଯାଇଥିବା ବେଳେ ଚଣ୍ଡିପଦର ରାସ୍ତାଦେଇ ଚଳାଚଳ କରୁଥିବା ବସଗୁଡ଼ିକର ସମସ୍ୟା ଗୁରୁତର ହୋଇପଡ଼ିଛି। ଏହି ବସଗୁଡିକ ସେହି ରାସ୍ତାରେ ଦୀର୍ଘ ଏକ ମାସହେଲା ଚଳାଚଳ କରିବା ସମ୍ପୂର୍ଣ୍ଣ ଭାବେ ଠପ ହୋଇପଡିଛି। ଯାହାଦ୍ୱାରା ଏହି ରୁଟରେ ରହିଥିବା ବିଭିନ୍ନ ଗ୍ରାମଗୁଡିକର ଜନସାଧାରଣ ଯାତାୟତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅପରପକ୍ଷରେ ଏହି ରାସ୍ତାରେ




ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଚଣ୍ଡିପଦର ରୁଟ୍‌ର ବସ୍‌କୁ ନେଇ ଚିନ୍ତାରେ ସଂଘ**

ଚଳାଚଳ କରୁଥିବା ବସ ମାଲିକମାନେ ମଧ ବସ ଚଲାଇ ନ ପାରି କ୍ଷତିଗ୍ରସ୍ତ ହେବାରେ ଲାଗିଛନ୍ତି। ଏହାକୁନେଇ ସମସ୍ତ ବସ ମାଲିକ ମାନେ କ୍ଷୋଭ ପ୍ରକାଶ କରିଥିଲେ। ଏଣୁ ଚଣ୍ଡିପଦର ରୁଟର ଜନସାଧାରଣ ଓ ବସ ମାଲିକ ଉଭୟଙ୍କ ସମସ୍ୟା ପ୍ରତି ପଦକ୍ଷେପ ନେବାଲାଗି ପ୍ରଶାସନର ଦ୍ୱାରସ୍ଥହୋଇ ଦୃଷ୍ଟି ଆକର୍ଷଣ କରିବାକୁ ସଂଘ ପକ୍ଷରୁ ନିଷ୍ପତି ନିଆଯାଇଥିଲା। ଏଥିରେ ସଂପାଦକ ଶରତଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁଦର୍ଶନ ପ୍ରଧାନ, ପୋଲସରା ବସମାଲିକ ସଂଘ ସଭାପତି ନିଳାଞ୍ଚଳ ପଣ୍ଡା, ବେଗୁନିଆପଡା ଅଞ୍ଚଳର ବହୁ ବସମାଲିକ ଉପସ୍ଥିତ ଥିଲେ।

## ମହୁମାଛି ଆକ୍ରମଣ ବଢୁଛି, ପ୍ରତିକାର କରୁନି ପ୍ରଶାସନ

ଦାରିଙ୍ଗବାଡ଼ି,୧୪ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ୍ ଦୁର୍ଗମ ତିଲୋରୀ ପଞ୍ଚାୟତ ଡେମିଙ୍ଗିଆ ଗ୍ରାମରେ ମହୁମାଛି ଉପଦ୍ରବ ବଢ଼ିବାରେ ଲାଗିଛି। ଗ୍ରାମବାସୀ ଏନେଇ ବାରମ୍ବାର ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନକୁ ଅବଗତ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ମହୁମାଛିଙ୍କୁ ଘଉଡ଼ାଇବାକୁ ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ କିଛି ଦିନ ମଧ୍ୟରେ ମହୁମାଛିଙ୍କ ଆକ୍ରମଣରେ ପ୍ରାୟ ଶତାଧିକ ଲୋକ ଆହତ ହୋଇଥିବା ଗ୍ରାମର ପ୍ରଫୁଲ୍ଲ ନାୟକ କହିଛନ୍ତି। ପୂର୍ବାହ୍ନ ୧୦ଟା ପରେ ମହୁମାଛି ଅଧିକ ହିଂସ୍ର ହେଉଥିବା ଦେଖିବାକୁ ମିଳୁଛି। ସପ୍ତାହେ ମଧ୍ୟରେ ବନବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏନେଇ ବନପାଳ ମନ୍ମଥ ପରିଚ୍ଛା କହିଛନ୍ତି, ଉକ୍ତ ଗ୍ରାମକୁ ଯାଇ ମହୁମାଛିଙ୍କୁ ଘଉଡ଼ାଇବା ଯୋଜନା ପ୍ରସ୍ତୁତ ହୋଇଛି। ହେଲେ କେହି ଏକ୍ସପର୍ଟ ନ ଥିବାରୁ ଏବଂ ପ୍ରାୟ ୨୫ଟି ମହୁ ଫେଣା ଥିବାରୁ ମହୁମାଛିଙ୍କୁ ଭୟ କରି କେହି ଘଉଡ଼ାଇବାକୁ ଆଗ୍ରହ ଦେଖାଉ ନାହାନ୍ତି।

### ବ୍ରାହ୍ମଣୀଗାଁରେ ବିଏସ୍‌ଏନ୍‌ଏଲ୍ ନେଟୱର୍କ ଅଚଳ ଘଟଣା

# ଥାନାରେ ଅଭିଯୋଗ କଲେ ଗ୍ରାମବାସୀ

ଦାରିଙ୍ଗବାଡ଼ି,୧୪ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ବିଏସ୍‌ଏନ୍‌ଏଲ୍ ନେଟୱାର୍କ ସେବା ବାରମ୍ବାର ଅଚଳ ଘଟଣାରେ ବୁଧବାର ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ଗତ ୩୦ ତାରିଖ ମଧ୍ୟ ରାତିରୁ ନେଟୱାର୍କ ସେବା ଅଚଳ ହୋଇଥିଲେ ମଧ୍ୟ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଗ୍ରାମବାସୀ ବ୍ରାହ୍ମଣୀଗାଁ ଥାନାରେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ପତ୍ରରେ ଉଲେଖ ରହିଛି। ବ୍ରାହ୍ମଣୀଗାଁ ଲୋକଙ୍କ ପକ୍ଷରୁ ପ୍ରତିନିଧି



ଭାବେ ସାମାଜିକ କର୍ମୀ ବିକ୍ରମ ବସ୍ତରାୟ ଥାନାରେ ପହଞ୍ଚି ଆଇଆଇସି ବିଜୟ କୁମାର ହାଇବ୍ରୁରୁଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସେ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ, ବ୍ରାହ୍ମଣୀଗାଁ ସମେତ ଉକ୍ତ ଥାନା ଅଞ୍ଚଳର ନେଟୱାର୍କ ସେବା ଅଚଳ ହୋଇପଡ଼ିଛି। ବିଏସ୍‌ଏନ୍‌ଏଲର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ପାଇଁ ଥାନାରେ ଦାବି କରାଯାଇଛି। ଏନେଇ କନ୍ଧମାଳ ଜିଲା ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟର ଡେପୁଟି ଜେନେରାଲ ମ୍ୟାନେଜର ବୃନ୍ଦାବନ ମାଝୀ କହିଛନ୍ତି ଯେ, ଏନେଇ କନ୍ଧମାଳ ଜିଲା ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟର ଡେପୁଟି ଜେନେରାଲ ମ୍ୟାନେଜର ବୃନ୍ଦାବନ ମାଝୀ କହିଛନ୍ତି ଯେ, ବିଏସ୍‌ଏନ୍‌ଏଲ ଏକ୍ସଚେଞ୍ଜକୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇ ନ ଥିବା ସ୍ପଷ୍ଟ କରିବା ସହ ଏହି ସେବା ସ୍ୱାଭାବିକ କରାଇବାକୁ ଏକ ଟିମ୍ ବ୍ରାହ୍ମଣୀଗାଁକୁ ପଠାଇଛନ୍ତି ବୋଲି କହିଛନ୍ତି।

# ଗଜପତି ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ

ପାରଳାଖେମୁଣ୍ଡି,୧୪(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ସଦର ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବେତାଗୁଡା ରିଜର୍ଭ ପୋଲିସ ପଡିଆରେ ଗଜପତି ଜିଲାସ୍ତରୀୟ ୯୧ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ଏସ୍‌ପି ଦାୟିତ୍ୱରେ ଥିବା ସୁନୀଲ କାନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ସତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ସେ ତାଙ୍କ ବକ୍ତବ୍ୟରେ ପୋଲିସ ସର୍ବଦା ସମାଜର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିଆସୁଛି। ଏହି ପାରଳାଖେମୁଣ୍ଡି ମାଟି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଏନ୍ତୁଡିଶାଳ କହିଲେ ଅତୁକ୍ତି ହେବ ନାହିଁ। ଏ ମାଟିର ସନ୍ତାନ ରାମକୃଷ୍ଣ ପାଢୀ ରାଜ୍ୟର ପ୍ରଥମ ଓଡିଆ ପୋଲିସ ମୁଖ୍ୟ ଭାବେ ଅବସ୍ଥାପିତ



ସମ୍ମାନିତ ହୋଇଥିବା ପୋଲିସ ଅଧିକାରୀମାନେ।

ହୋଇଥିଲେ। ଏପରି ସ୍ଥାନରେ ପବିତ୍ର ଓଡିଶା ଦିବସ, ପୋଲିସ ପ୍ରତିଷ୍ଠା ଦିବସ ପାଳନ କରିବା ଆମପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଏହି ଅବସରରେ ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିଲେ। ଉଲ୍ଲେଖନୀୟ ସେବା ପାଇଁ ପ୍ରଶଂସିତ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପୋଲିସ ମୁଖ୍ୟାଳୟର ଡିଏସ୍‌ପି ଅମିତାଭ ପଣ୍ଡା, କମାଣ୍ଡାଣ୍ଟ ଅଶୋକ ମାହାନ୍ତି, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ସମେତ ବହୁ ପୋଲିସ ଅଧିକାରୀ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଯୋଗ ଦେଇଥିଲେ।

# ଖଣି, ଶିଳ୍ପାଞ୍ଚଳର ଗ୍ରାମାଞ୍ଚଳ ପାଠାଗାର ଚିନ୍ତା

## ଓଏମ୍‌ବିଏଡିସିରୁ ୪୩.୭୮ କୋଟି ଟଙ୍କାର ୬୩ ଗୃହ ନିର୍ମାଣ ପ୍ରସ୍ତାବ



ଯାଜପୁର,୧୪
(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲାରେ କଲେଜ, ହାଇସ୍କୁଲ ଓ ସାଧାରଣ ପାଠାଗାର ପ୍ରାୟ ୪୦୦ ଭଳି ରହିଛି। କେତେକ ପାଠାଗାରରେ ୫୦ରୁ ୬୦ ବର୍ଷ ପୁରୁଣା ମୂଲ୍ୟବାନ ପୁସ୍ତକ ସବୁଥିଲେ ହେଁ, ପରିଚାଳନା ଅଭାବରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଯେଉଁ ପୁସ୍ତକଗୁଡ଼ିକ ନଷ୍ଟ ହୋଇଯାଉଛି ତା'ର ପୁନଃସଂସ୍କରଣ ଆଉ ହେଉନାହିଁ। ଏଭଳିସ୍ଥିତିରେ ବ୍ୟସ୍ତବହୁଳ ଖଣି, ଶିଳ୍ପ ସମୃଦ୍ଧ ସୁକିନ୍ଦା ଓ ଦାନଗଦି ବ୍ଲକ ଅଞ୍ଚଳରେ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ପାଣ୍ଠିରେ ୪୩.୭୮ କୋଟି ଟଙ୍କା ଖର୍ଚ୍ଚ କରି ୬୩ଟି ଗ୍ରାମାଞ୍ଚଳ ପାଠାଗାର ଗୃହ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଏହି ପ୍ରସ୍ତାବକୁ ଯାଜପୁର ଓଏମ୍‌ବିଏଡିସି ସେଲ ପକ୍ଷରୁ ଗ୍ରାମ୍ୟ ନିର୍ମାଣ ବିଭାଗକୁ ମଞ୍ଜୁର ପାଇଁ ପଠାଯାଇଛି। ଏହାପରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗ ଚିଫ ଇଞ୍ଜିନିୟର ୨୬।୩।୨୦୨୬ରେ ଏହାର ମଞ୍ଜୁରୀ ପାଇଁ ଓଏମ୍‌ବିଏଡିସିର ସ୍ୱତନ୍ତ୍ର ସଚିବ ତଥା ନୋଡାଲ ଅଫିସରଙ୍କୁ ଅନୁରୋଧ କରିଛନ୍ତି। ଉକ୍ତ ପ୍ରସ୍ତାବ ସଫଳ ହେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଛି। କିନ୍ତୁ ଆଜିର ବୈଷୟିକ ଜ୍ଞାନ କୌଶଳ ଯୁଗରେ ଲୋକେ କ୍ରମଶଃ ପୁସ୍ତକ ଓ ପତ୍ରପତ୍ରିକା ଠାରୁ ଦୂରେଇ ଯାଉଛନ୍ତି। ମୋବାଇଲ, ଟେଲିଭିଜନ, ସିନେମା, ଇଣ୍ଟରନେଟ ଆଦି ଇଲେକ୍ଟ୍ରୋନିକ୍ସ ପଛରେ ମଣିଷ ଧାଇଁଛି। ଫଳରେ ପୁସ୍ତକର ଚାହିଦା କମିକମି ଯାଉଛି। ତେବେ ଏକାଧିକ ପୁରୁଣା ପାଠାଗାର ଅଚଳ ହୋଇପଡ଼ିବା ସହ ପୁସ୍ତକଗୁଡ଼ିକ ନଷ୍ଟ ହେବାକୁ ବସିଥିବାବେଳେ ଉକ୍ତ ପ୍ରସ୍ତାବର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା କେବଳ କର୍ମୀ ସନ୍ତୁଷ୍ଟିକରଣ ପ୍ରସ୍ତାବ ନୁହେଁ ତ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।

ସାହିତ୍ୟ ସୃଷ୍ଟିର ଇତିହାସକୁ ଅବଲୋକନ କଲେ ମଣିଷ ପାଇଁ ପୁସ୍ତକ ଓ ପତ୍ରପତ୍ରିକା ଯୁଗେଯୁଗେ ବଞ୍ଚିବାର ଏକମାତ୍ର ଖୋରାକ ହୋଇ ଆସିଛି। ପୁସ୍ତକ ପ୍ରତି ମଣିଷର ଆଗ୍ରହ ଏବଂ ଆକାଂକ୍ଷା ବିଶ୍ୱର ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ। ଏପରିକି ଅନେକ ବିପ୍ଳବକୁ ସଫଳ କରିବା ଲାଗି ପୁସ୍ତକ ଓ ପତ୍ରପତ୍ରିକା ଏକମାତ୍ର ମାଧ୍ୟମ। ଏହା ସମାଜ ସହ ଦେଶର ବିକାଶ ପ୍ରକ୍ରିୟାରେ ସହାୟତା ହୋଇଥାଏ। ପୁସ୍ତକ ଆଧ୍ୟାତ୍ମିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ସହ ମଣିଷର ବୁଝିବା ଶକ୍ତି, ସହନଶୀଳତା ଏବଂ ସହଯୋଗର ଚେତନା ଶକ୍ତିକୁ ଉଜ୍ଜିବୀତ କରିଥାଏ। କିନ୍ତୁ ଆଜିକାଲି ରାଜା ରାମମୋହନ ରାୟ ଫାଉଣ୍ଡେଶନ ଓ ରାଜ୍ୟ ସଂସ୍କୃତି ବିଭାଗ ସହାୟତାରେ ଯେଉଁ ମାଗଣା ପୁସ୍ତକ ଯୋଗାଇ ଦିଆଯାଉଛି ତାହା ପେଟିରେ ବନ୍ଧା ହୋଇ ପଡିଛି। ଫଳରେ ପାଠାଗାର ସଂସ୍କୃତି କ୍ରମଶଃ ଲୋପ ପାଇବାରେ ଲାଗିଛି। ଉନବିଂଶ ଶତାବ୍ଦୀର ଅଶି ଦଶକରେ ଐତିହାସିକ ଯାଜପୁର ସହରରେ ଜିଲା ପାଠାଗାର ସ୍ଥାପିତ ହୋଇଥିଲା। ପରେ ଏହାକୁ ୨୦୧୦ରେ ଗୌତମବୁଦ୍ଧ ସଂସ୍କୃତି ଭବନକୁ ସ୍ଥାନାନ୍ତରିତ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧୀନରେ ଉକ୍ତ ପାଠାଗାର ଚାଲିଆସୁଛି। ପ୍ରଥମେ ବିଭିନ୍ନ ଭାଷାଭାଷୀର ଖ୍ୟାତନାମା ଲେଖିକାଲେଖକଙ୍କ ସୃଜନାମତ୍ମକ, ସମାଜ ସଂସ୍କାରଧର୍ମୀ, ସଚେତନାତ୍ମକ ଏବଂ ଆନ୍ଦୋଳନାତ୍ମକ ପୁସ୍ତକ ଉପଲବ୍ଧ ହେଉଥିଲା। ସେହି ସମୟରେ ଅନେକ ଜିଜ୍ଞାସୁ ପାଠକଙ୍କ ପୁସ୍ତକ ପ୍ରତି ଅନୁରାଗ ଥିଲା। ଏପରିକି ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଆବାଳ ବୃଦ୍ଧବନିତା ସମସ୍ତେ ପୁସ୍ତକ ପ୍ରତି ରଚି ରଖୁଥିଲେ। କିନ୍ତୁ ବିଡ଼ମ୍ବନା ଯେ, ଏହି ପାଠାଗାର ପ୍ରତି ଏବେ ସେଭଳି ରଚି ଆଉ ଦେଖିବାକୁ ମିଳୁନାହିଁ। ସେହିପରି ବ୍ୟାସନଗର ସହରରେ ୧୯୮୬ରେ ପାଠାଗାର ପ୍ରତିଷ୍ଠା ହୋଇଥିଲା। ଏହି ପାଠାଗାରରେ ପ୍ରାୟ ୪ ହଜାର ବିଭିନ୍ନ ପୁସ୍ତକ ରହିଥିବା ରେକର୍ଡରେ ଅନ୍ତର୍ଭୁକ୍ତ ହୋଇଛି। କିନ୍ତୁ ଏଠାରେ ବି ପାଠକ ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇଛି। ଏଭଳି ଜିଲାର ଅଧିକାଂଶ ପାଠାଗାର ବନ୍ଦ ହୋଇ ପଡିଛି।

ସେହିପରି ବିଭିନ୍ନ ପାଠାଗାରରେ ଗଚ୍ଛିତ ହୋଇ ରହିଥିବା ପୁସ୍ତକ ପ୍ୟାକେଟକୁ ଅଧିକାଂଶ ପାଠାଗାର କର୍ତ୍ତୃପକ୍ଷ ଏଯାବତ ଖୋଲିନାହାନ୍ତି। ଏଭଳି ଭାବେ ବର୍ଷକୁ ବିପୁଳ ଟଙ୍କାର କ୍ଷତି ହୋଇଛି। ସୁକିନ୍ଦା ଓ ଦାନଗଦି ଅଞ୍ଚଳର ଖଣି, ଶିଳ୍ପ ସଂସ୍ଥାଗୁଡିକରେ କାମ ପାଇଁ ଅଞ୍ଚଳବାସୀ ବ୍ୟସ୍ତ ରହୁଥିବାବେଳେ ପାଠାଗାର କେତେଦୂର ସଫଳ ହେବ ତାହା ନେଇ ସନ୍ଦେହ ପ୍ରକାଶ ପାଇଛି। ଏନେଇ ଗ୍ରନ୍ଥକାର ହରେକୃଷ୍ଣ ପଣ୍ଡା କହିଛନ୍ତି, ଓଡ଼ିଆ ଭାଷାର ସାର୍ବଜନୀନ ଗ୍ରନ୍ଥାବଳୀ, ଜୀବନଚରିତ, ପ୍ରାଚୀନ କାବ୍ୟ, ମହାପୁରୁଷଙ୍କ ଜୀବନୀ, ଇତିହାସ, ଗବେଷଣାଧର୍ମୀ ପୁସ୍ତକ ଏବଂ ଅନୁଦିତ ଓଡ଼ିଆ ପୁସ୍ତକକୁ ଅଣଦେଖା କରାଯାଉଛି। ଫଳରେ ପାଠକ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଅତୀତରେ ଗାଁ ଗହଳିରେ ବା ସହରରେ ଥିବା ପାଠାଗାରଗୁଡିକ ବିଦ୍ୟା ମନ୍ଦିରର ଭୂମିକା ନିଭାଉଥିଲା। ପାଠକମାନେ ତାହାର ଭଲ ଉପଯୋଗ କରୁଥିଲେ। ମାତ୍ର ଏବେ ଇଣ୍ଟରନେଟ ଯୁଗରେ ସାଧାରଣ ପାଠକଟି ପାଠାଗାରରେ ବସି ପଢିବାର ରଚି ହରାଇ ବସିଛି। କୌଣସି ପାଠାଗାରରେ ଲାଇବ୍ରେରିଆନ ପଦବୀ ସୃଷ୍ଟି କରାଯାଉନାହିଁ। ଭିତ୍ତିଭୂମି ଦୁର୍ବଳ ଅବସ୍ଥାରେ ପଡିଛି। ଏଭଳିସ୍ଥିତିରେ ପାଠାଗାର ଗୃହ ନିର୍ମାଣ ସଫଳ ହୋଇ ପାରିବା ନେଇ ସନ୍ଦେହ। ପାଠାଗାର ସଚେତନତା ସୃଷ୍ଟି କରାଯାଇ ଉପଯୁକ୍ତ ଭିତ୍ତିଭୂମି ସୃଷ୍ଟି କରାଗଲେ ପୁଣି ଅତୀତର ପୁସ୍ତକ ପ୍ରତି ରଚି ଫେରି ଆସିବ ବୋଲି ସେ ପ୍ରକାଶ କରିଛନ୍ତି।

# ନବ ଉତ୍କଳ ମହିଳା ସମିତି ପକ୍ଷରୁ ଓଡ଼ିଶା ଦିବସ ପାଳିତ



ଓଡ଼ିଶା ଦିବସରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ବ୍ୟାସନଗର,୧୪
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ନବ ଉତ୍କଳ ମହିଳା ସମିତି ପକ୍ଷରୁ ରାମ୍ପିଲୋ ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ଝୋଟିଚିତ୍ର, ମୁରୁଜ ଓ ଓଡ଼ିଆଣୀ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନବମ ଓ ଦଶମ ଶ୍ରେଣୀର ୩୦ ଛାତ୍ରୀ ଭାଗ ନେଇଥିଲେ। ବ୍ୟାସନଗର ପୌର ପରିଷଦର ପୂର୍ବତନ ପୌରାଧକ୍ଷା ବନ୍ଦିତା ପରିଡ଼ା ଓ ସବିତା ରାଉତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ନିରୂପଣ କରିଥିଲେ। ଝୋଟି ଚିତ୍ରରେ ପାର୍ବତୀ ଯେନା ୧ମ, ସାରସ୍ମିତା ଯେନା ୨ୟ, ନିହାରିକା ମଲ୍ଲିକ ୩ୟ ସ୍ଥାନ ଅଧିକାର କରିଥିଲେ। ରଙ୍ଗୋଲିରେ ସୁନିତା ତିୟୁ ୧ମ, ବାସନ୍ତୀ ସାର୍ଥୟା ୨ୟ ଓ ସୁଭଦ୍ରା ପେରାଇ ୩ୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଆଣୀ ବେଶ ପ୍ରତିଯୋଗିତାରେ ମୋନାଲିସା ଯେନା ୧ମ, ପ୍ରିୟା ଯେନା ୨ୟ ଓ ରସ୍ମିତା କେରାଇ ୩ୟ ସ୍ଥାନ ହାସଲ କରିଥିଲେ। କାର୍ଯ୍ୟକ୍ରମରେ ସମିତିର ସଭାନେତ୍ରୀ ଅମୂଲୀ ପହି, ମମତା ବର୍ଦ୍ଧନ, ସୁଜାତା ବାରିକ, ଜେମାମଣି କଅଁର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ସସ୍ମିତା ପରିଡ଼ା, ସଂଗ୍ରାମ କେଶରୀ ରାମ, ଦଶରଥ ଡାଙ୍ଗିଲ, ରାକେଶ ସାହୁ, ଯିତେନ୍ଦ୍ର ପ୍ରଧାନ, ଧରିତ୍ରୀ ସାହୁ, ମମତାମୟୀ ଦାଶ, ଉଷାରାଣୀ ମାଝୀ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ବ୍ୟକ୍ତିଗତ ଦଖଲରୁ ମୁକ୍ତହେଲା ସର୍ବସାଧାରଣ ରାସ୍ତା

ଧର୍ମଶାଳା,୧୪(ବଟକୃଷ୍ଣ ପରିଡା):

ଧର୍ମଶାଳା ତହସିଲ ଅଧୀନ ଜାଲସୁଖା ଓ ପିତମ୍ବା ମୌଜାରେ ଅବରୋଧ ଥିବା ସର୍ବସାଧାରଣ ରାସ୍ତା ବ୍ୟକ୍ତିଗତ ଦଖଲରୁ ମୁକ୍ତ ହୋଇଛି। ମଙ୍ଗଳବାର ରାଜସ୍ୱ ବିଭାଗର ମାପଚୁପ ପରେ ରାସ୍ତା ଛାଡିବା ପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଇଟି ମୌଜାର ୩ଟି ଲେଖାଏ ପ୍ଲଟର ସୀମାରେ ବଳକା ଥିବା ଜମିରେ ଦୀର୍ଘ ବର୍ଷ ହେଲା ସ୍ଥାନୀୟ ମୌଜାର ଲୋକେ ଚାଷ ଜମିକୁ ଯାତାୟାତ କରୁଥିଲେ। ମାତ୍ର ଏହି ପ୍ଲଟ ସଂଲଗ୍ନରେ ଜମିଥିବା ଜଣେ ବ୍ୟକ୍ତି ରାସ୍ତାକୁ ନିଜର ଦର୍ଶାଇ ଘର କରିଥିଲେ। ଏପରିକି କଟକର ଏକ ବିଲଡର ସଂସ୍ଥାକୁ ମଧ୍ୟ ପ୍ଲଟିଂ ପାଇଁ ଚୁକ୍ତି କରିଥିଲେ। ରାସ୍ତା ଅବରୋଧ ଯୋଗୁ ସ୍ଥାନୀୟ ଚାଷୀ ଯାତାୟାତ କରି ପାରୁ ନ ଥିବା ନେଇ ଫେବୃଆରୀ ୨୪ରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାର ସମୀର ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ଅମିନଙ୍କ ଦ୍ୱାରା ମାପଚୁପ କରାଯାଇଥିଲା। ମାପଚୁପ ବେଳେ ଏହିବିଲଡର ସଂସ୍ଥା ୨୩ କଡି ରାସ୍ତା ଜବରଦଖଲ କରିଥିବା ଜଣାପଡିଥିଲା। ମାତ୍ର ବିଲଡର ରାସ୍ତା ଛାଡ଼ି ନ ଥିବା ନେଇ ଗ୍ରାମର ମାୟାଧର ରାଉତ, ପବିତ୍ର ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି।

# ରାମରଜା ଭସାଣି ଗଣ୍ଡଗୋଳରେ ସମ୍ପୃକ୍ତ ୪ ଅଭିଯୁକ୍ତ ଗିରଫ



ଗଣ୍ଡଗୋଳ ସମାଧାନ ପାଇଁ ଥାନାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ୨ ଗୋଷ୍ଠୀର ମୁରବି।

ଯାଜପୁର ସଦର,୧୪
(ସମର ବିଜୟ ଶରଣ):

ଯାଜପୁର ସଦର ଥାନା ଅନ୍ତର୍ଗତ ସାନକୁଖାଲା ଗ୍ରାମରେ ମାର୍ଚ୍ଚ ୩୦ ତାରିଖ ରାତିରେ ରାମରଜା ଠାକୁରଙ୍କ ଭସାଣିକୁ ନେଇ ଘଟିଥିବା ସାମ୍ପ୍ରଦାୟିକ ଗଣ୍ଡଗୋଳରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରୁ ୩୧।୦୩।୨୦୨୬ରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ବିକି ସ୍ୱାଇଁ(୨୬)ଙ୍କୁ ସଦର ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା। ବୁଧବାର ସଦର ଥାନା ଅନ୍ତର୍ଗତ ଉପର ବରୁଆଁ ଗ୍ରାମର ସୁଦର୍ଶନ ସାହୁ(୫୩), ସେକ୍ ସୋନି(୪୫) ଓ ସେକ୍ ହଲିମଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ସାନକୁଖାଲା ଗ୍ରାମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସଦର ଥାନାରେ ଥାନା ଅଧିକାରୀ ଚିନ୍ମୟୀ ବେହେରା, ଉପ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ, ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ ଓ ଉଭୟ ଗୋଷ୍ଠୀରୁ ୧୦ ମୁରବିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହିବୈଠକରେ ଗଣ୍ଡଗୋଳକୁ ନେଇ ଉଭୟ ପକ୍ଷ ଦୁଃଖ ପ୍ରକାଶ କରିଥିଲେ। ଏକ ଶାନ୍ତି କମିଟି ଗଠନ କରି ଆସନ୍ତା ୬ ତାରିଖ ସନ୍ଧ୍ୟାରେ ଉଭୟ ପକ୍ଷ ଆଲୋଚନା କରି ଘଟଣାର ସମାଧାନ କରିବେ ବୋଲି ବୈଠକରେ ସ୍ଥିର କରାଯାଇଥିଲା।

# ‘ଛୋଟ ମୋର ଗାଁ ଟି’ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ

ରସୁଲପୁର,୧୪(ରଞ୍ଜିତ ରାଉତ):

ଯାଜପୁର ଜିଲା ‘ଛୋଟ ମୋର ଗାଁ ଟି’ ଅନୁଷ୍ଠାନ ପକ୍ଷରୁ ରସୁଲପୁର ବ୍ଲକ ଅଧୀନ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଶିଷ୍ଟ ଗାନ୍ଧୀବାଦୀ ରାମଚନ୍ଦ୍ର ଶୁକ୍ଳ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ସ୍ମୃତିରେଖା ରାଉତଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ଦେବବ୍ରତ ରାଉତ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ସଭାପତି ଜନ୍ମେଜୟ ସାହୁ, ମୁଖ୍ୟବକ୍ତା ଭାବେ ଶ୍ରମିକନେତା ଆଲୋକ ମହାନ୍ତି, ସମ୍ମାନିତ ଅତିଥିଭାବେ କଳିଙ୍ଗନଗର ଅଞ୍ଚଳର ଯୁବ ନେତୃତ୍ୱ ମୃତ୍ୟୁଞ୍ଜୟ ଦେଓ, ସମ୍ମାନିତ ବକ୍ତାଭାବେ ସାମାଜିକର୍ମୀ ଦେବୀପ୍ରସନ୍ନ ନାୟକ, ଶ୍ରମିକ ସଂଗଠକ ବିଶ୍ୱରଞ୍ଜନ ସ୍ୱାଇଁ ଯୋଗଦେଇ ନବଉତ୍କଳର ବିଧାଣି ମଧୁ ବାରିଷ୍ଟର, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ପାରଳା ଗଜପତି ପ୍ରମୁଖଙ୍କୁ ସ୍ମରଣ କରିଥିଲେ। ଏଥିସହିତ ସମସ୍ତେ ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ ହୋଇପାରିଲେ ଗାଁ ସଶକ୍ତ, ସମୃଦ୍ଧ, ସ୍ୱାବଲମ୍ବୀ ହୋଇପାରିବ। ଏଥିସହିତ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାମନୀଷୀଙ୍କ ସ୍ୱପ୍ନ ସାକାର ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମାନସ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚିତ୍ତରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଖବରଦାତା ରଞ୍ଜିତ ରାଉତ ଧନ୍ୟବାଦ ଦେଇଥିଲେ।



ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନୁଷ୍ଠାନର କର୍ମକର୍ତ୍ତା।

# ବ୍ରହ୍ମାକୁମାରୀ ପାଠଶାଳାର ବାର୍ଷିକ ଉତ୍ସବ




ବ୍ରହ୍ମାକୁମାରୀ ପାଠଶାଳାର ବାର୍ଷିକ ଉତ୍ସବରେ ଯୋଗଦେଇଥିବା କର୍ମକର୍ତ୍ତା।

ଯାଜପୁର ସଦର,୧୪
(ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ଇନ୍ଦାରୋଇଠାରେ ଥିବା ବ୍ରହ୍ମାକୁମାରୀ ପାଠଶାଳାର ୧୫ତମ ବାର୍ଷିକ ଉତ୍ସବ ଓ ଦୟାକରୁଣା ସଶକ୍ତୀକରଣ ଶୀର୍ଷକ ଏକ ଆଧ୍ୟାତ୍ମିକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଶାଖା ପରିଚାଳିକା ରାଜଯୋଗିନୀ ବିକେ ଭାବନା ଭଉଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କେନ୍ଦୁଝରର ଶାଖା ରାଜଯୋଗିନୀ ବିକେ ବିନ୍ଦୁ, ପ୍ରତିଭା ଭଉଣୀ, ଯାଜପୁର ରୋଡ୍‌ରୁ ବିକେ ସୁଚିତ୍ରା, ବଡ଼ଚଣା ଶାଖାର ବିକେ ମାନସୀ, କଟକ ଶାଖାର ବିକେ ରମଣୀକାନ୍ତ ପ୍ରମୁଖ ମଞ୍ଚାସୀନ ରହି ୧୫ ବର୍ଷର ଗାଥା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକର୍ମ କରାଯିବା ସହ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥଲା। ଅନୁଷ୍ଠାନ ସଂଯୋଜକ ବିକେ ପ୍ରଫୁଲ୍ଲ ଧନ୍ୟବାଦ ଦେଇଥିଲେ।

# କୁମ୍ଭୀର ଆକ୍ରମଣରେ ବୃଦ୍ଧ ଆହତ

ରସୁଲପୁର,୧୪(ରଞ୍ଜିତ ରାଉତ):

କୁଆଖିଆ ଥାନା ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତ କୁଜିବର ଗ୍ରାମର ଖରସ୍ରୋତା ନଦୀ ଘଟରେ ବୁଧବାର ଅପରାହ୍ନରେ ଗାଧୋଉଥିବାବେଳେ କୁମ୍ଭୀର ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା କାଣ୍ଡଭାରତୀ ଗ୍ରାମର ଗୁରୁଚରଣ ଦେହୁରୀ(୬୦)। ଗୁରୁଚରଣ କୁମ୍ଭୀର ସହ ଲଢ଼ି କ୍ଷତାକ୍ତ ହୋଇଛନ୍ତି। ତାଙ୍କୁ ଲୋକେ ଘାଟକୂଳରୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି।

# ବୈରୀ ଷ୍ଟେଶନ ପୁନରୁଦ୍ଧାର, ଦ୍ରୁତଗାମୀ ଟ୍ରେନ୍ ରହଣି ଦାବି

ବଡ଼ଚଣା,୧୪
(ଦିଲୀପ କୁମାର ମହାନ୍ତି):




ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ବୈରୀ ପଞ୍ଚାୟତର ବୈରୀ ରେଲୱେ ଷ୍ଟେଶନ ପୁନରୁଦ୍ଧାର ସହ ଏଠାରେ ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ଦାବି ହୋଇଛି। ସ୍ୱାଧୀନତା ଆନ୍ଦୋଳନ ଜୋରଦାର ଚାଲୁଥିବା ସମୟରେ ୧୯୩୪ ମେ' ୨୧ରେ ମହାତ୍ମା ଗାନ୍ଧୀ ଓଡ଼ିଶାକୁ ହରିଜନ ପଦଯାତ୍ରାରେ ଆସି ଏହି ଷ୍ଟେଶନରେ ଅବତରଣ କରିଥିଲେ। ପରେ ଏଠାରୁ ୯ କିମି ପଦଯାତ୍ରାରେ ଯାଇ ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମ ରାତ୍ରିଯାପନ କରିଥିଲେ। ପରଦିନ ସକାଳୁ ସାନଗେଙ୍ଗୁଟି ନଦୀ ପଠାରେ ଏକ ବିରାଟ ସଭାରେ ସ୍ୱାଧୀନତା ସଂଗ୍ରାମୀ ଏବଂ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉକ୍ତ ଷ୍ଟେଶନ ସେବେଠାରୁ ମାଇଲଖୁଣ୍ଟ ପରି ଅବସ୍ଥାପନ୍ନ କରି ରହିଛି। ଷ୍ଟେଶନ ଉପରେ ବଡ଼ଚଣା, ଢେଙ୍କାନାଳ ଜିଲାର ଗଁଦିଆ ବ୍ଲକ, କଟକ ଜିଲାର ମାହାଙ୍ଗା ବ୍ଲକ୍ ଲୋକେ ନିର୍ଭର କରନ୍ତି। ବର୍ତ୍ତମାନ ଏଠାରୁ କଟକ, ଭୁବନେଶ୍ୱରକୁ ଦୈନିକ ଶତାଧିକ ଲୋକେ ଅଫିସ କାର୍ଯ୍ୟ ଓ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଯାଉଛନ୍ତି। ଷ୍ଟେଶନରେ କୌଣସି ଦ୍ରୁତଗାମୀ ଟ୍ରେନ ରହଣି କରୁନାହିଁ। ଫଳରେ ଏଠାରୁ କଟକ, ଭୁବନେଶ୍ୱର ଯାଇ ଲୋକେ କଲିକତା, ଚେନ୍ନାଇ, ମୁମ୍ବାଇ, ସୁରଟ ଆଦିର ଟ୍ରେନ୍ ଧରୁଛନ୍ତି। ଏଠାରୁ ଦୀର୍ଘ ବର୍ଷ ଧରି କାଜୁ, ବାଦାମ, ଚାଉଳ, ଧାନ, ଝୋଟ ଏବଂ ସିମେଣ୍ଟ ଯାଉଛି। ଏହି ଅଞ୍ଚଳରେ ୨ ସିମେଣ୍ଟ କାରଖାନା, ଚାଉଳ ମିଲ, ଲୁହା କାରଖାନା ରହିଛି। ଲେଭଲ କ୍ରସିଂ ଦେଇ ଟ୍ରକ ଯିବା ଆସିବା କରୁଥିବାରୁ ୧କିମି ପର୍ଯ୍ୟନ୍ତ ଜାମ ଲାଗିରହୁଛି। ଏଠାରେ କଟକ, ଭୁବନେଶ୍ୱର, ଭଦ୍ରକ ଓ ଯାଜପୁର ଯାଉଥିବା ୩ ପାସେଞ୍ଜର ଟ୍ରେନ ରହଣି କରୁଛି। ତେଣୁ ଗାନ୍ଧିଜୀ ଅବତରଣ କରିଥିବା ଏହି ଷ୍ଟେସନର ଗୁରୁତ୍ୱ ଅନୁଭବ କରି ଏଠାରେ ଦ୍ରୁତଗାମୀ ଟ୍ରେନ ରହଣି ସହ ଏହାର ପୁନରୁଦ୍ଧାର ପାଇଁ ଦାବି ହୋଇଛି। ଏନେଇ ସ୍ଥାନୀୟ ବିଧାୟକ ଅମର ନାୟକ ଓ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ବୈରୀ ସରପଞ୍ଚ ଏବଂ ବିଶିଷ୍ଟ ବ୍ୟକ୍ତି ଭେଟି ଦାବି ପ୍ରଦାନ କରିଛନ୍ତି।

# ସମସ୍ତେ ସଜାଗ ରହିଲେ ଓଡ଼ିଆ ଅସ୍ମିତା ବଜାୟ ରହିବ

## ବ୍ୟାସନଗର ମହାବିଦ୍ୟାଳୟରେ ଓଡ଼ିଶା ଦିବସ

ବ୍ୟାସନଗର,୧୪
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉତ୍ସବ କମିଟିର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉଭୟ ବିଦାୟୀ ଅଧ୍ୟକ୍ଷ ଶରତ ମଲ୍ଲିକ ଓ ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ ସ୍ୱାଇଁ ଯୋଗଦେଇ ମହାବିଦ୍ୟାଳୟ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଥମେ ବିଦାୟୀ ଅଧ୍ୟକ୍ଷ ମଲ୍ଲିକ ନୂତନ ଅଧ୍ୟକ୍ଷ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଅଧ୍ୟକ୍ଷ ଆସନରେ ଉପବେଶନ କରାଇଥିଲେ। ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ‘ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ’ ଗାନ କରାଯାଇଥିଲା। ସମସ୍ତେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଚଳନି ପ୍ରତି ସଜାଗ ରହି କାର୍ଯ୍ୟକଲେ ଓଡ଼ିଆ ଅସ୍ମିତା ବଜାୟ ରହିବ ବୋଲି ମତପ୍ରକାଶ ପାଇଥିଲା। ପ୍ରାଧ୍ୟାପକ ବଭ୍ରୁବାହନ ଜେନା, ବ୍ରଜକିଶୋର ମିଶ୍ର, ଅଧ୍ୟାପକ ରଞ୍ଜନ ସାହୁ, ବିକାଶ ବେହେରା, ସନାତନ ଦାସ, କ୍ଷୀତିଶ ମହାପାତ୍ର, ବିଜୟ ପରିଡ଼ା, ମୁଖ୍ୟ ଲିପିକ ଶରତ ଜେନା, ମାନସ ପତି, ଦାମୋଦର ରାଉତ, ଖଗେଶ୍ୱର ପୃଷ୍ଟି, ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଅଜୟ ଦାସ ଧନ୍ୟବାଦ ଦେଇଥିଲେ।



ମହାବିଦ୍ୟାଳୟ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଜିଲାର ଆୟତନ ଛୋଟ, ଦାନ ଅଧିକ: ମନ୍ତ୍ରୀ ଗୋକୁଳାନନ୍ଦ

ଜଗତ୍‌ସିଂହପୁର, ୧।୪ (ପ୍ରମୋଦ କୁମାର ନାୟକ)

ଆୟତନ ଦୃଷ୍ଟିରୁ ଜଗତ୍‌ସିଂହପୁର ଏକ ଛୋଟ ଜିଲା, କିନ୍ତୁ ଦାନ ଅଧିକ। ଇଏ ଲଢୁଆ ମାଟି। ଏ ମାଟିର ପୂର୍ବସୂରୀମାନେ ମାଟି ପାଇଁ ଅନେକ ତ୍ୟାଗ କରିଛନ୍ତି। କଳା, ସାହିତ୍ୟ, ସଂସ୍କୃତି ଓ ଶିକ୍ଷା ଆଦି କ୍ଷେତ୍ରରେ ଜିଲାର ସୁନାମ ରହିଛି। ଜିଲାରେ ଅନେକ ସମ୍ଭାବନା ରହିଛି। ଏହା ଭିତରେ ସରକାର ଜିଲାରେ ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜ, ବିଶ୍ୱବିଦ୍ୟାଳୟ ଆଦି କରିବା ପାଇଁ ଘୋଷଣା କରିଛନ୍ତି। ଆଗକୁ ଆହୁରି ଅନେକ କିଛି ହେବାକୁ ଯାଉଛି। ଆମ କଳା, ସାହିତ୍ୟ, ପରମ୍ପରା, ସଂସ୍କୃତି ଆମର ଗର୍ବ। ଏହାକୁ ବୁଦ୍ଧିମନ୍ତ କରିବା ଦରକାର। ଜିଲାରେ ଗୋଶାଳା ଅଭାବ ଦୂର ହେବ। ସରକାର ପ୍ରତି ଗୋଶାଳା ଭିତ୍ତିଭୂମି ପାଇଁ ୫୨ ଲକ୍ଷ ଟଙ୍କା ଦେଉଛନ୍ତି। ଗୋଟିଏ ଗାଈର ଭରଣପୋଷଣ ପାଇଁ ବର୍ଷକୁ ୨୦ ହଜାର ଟଙ୍କା ଦିଆଯିବା ବ୍ୟବସ୍ଥା ଅଛି। ଏହାବାଦ ଆଉ ଯାହା ଦରକାର ଦିଆଯିବ। କିନ୍ତୁ ଯୁବକମାନେ ପ୍ରତି ବ୍ଲକରେ ଗୋଶାଳା କରିବାକୁ ଆଗେଇ ଆସନ୍ତୁ। ଏହା ଭିତରେ ବିଭାଗ ପକ୍ଷରୁ ଜିଲା ପାଇଁ ପାଖାପାଖି ୩୫ରୁ ୪୦ କୋଟି ଟଙ୍କା ଦିଆସରିଲାଣି।



ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟ ଅତିଥିମାନେ।

## ଓଡ଼ିଶା ଦିବସ ଓ ଜିଲା ମହୋତ୍ସବ କଲ୍ଲୋଳ ଉଦ୍‌ଘାଟନୀ ସନ୍ଧ୍ୟା

କିନ୍ତୁ ଏତିକିରେ ଯୋଜନାର ଅନ୍ତ ଘଟୁନି। ଜିଲା ପାଇଁ ଯାହା ଆବଶ୍ୟକ କରାଯିବ। ବୁଧବାର ଓଡ଼ିଶା ଦିବସ ଓ ଜଗତ୍‌ସିଂହପୁର ଜିଲା ମହୋତ୍ସବ କଲ୍ଲୋଳର ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ଏକଥା ମଧ୍ୟ କହିଥିଲେ ମା ମାଟି ପାଇଁ ପ୍ରତ୍ୟେକ ଏକାଠି ହେବାକୁ ପଡ଼ିବ। ଜିଲାରେ ଧାନ କ୍ରୟ ପାଇଁ ଆଉ ୨୦ରୁ ୫୦ଟି ମିଲ୍ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି। ଏ ଦିଗରେ ଉତ୍ସାହ ପ୍ରକାଶ ପାଇଲେ ସରକାର ସହଯୋଗ କରିବେ ବୋଲି ମନ୍ତ୍ରୀ କହିଥିଲେ। ମହୋତ୍ସବରେ ବିଶିଷ୍ଟ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଆଜି ପ୍ରତି ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ଦିନ। ସେ ଜିଲାର ମହାମାନବମାନଙ୍କ ସ୍ମୃତିଚାରଣ କରି ଓଡ଼ିଶା ପ୍ରଦେଶ ଗଠନରେ ସେମାନଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଦିକବି ସାରଳା ଦାସଙ୍କ କଥା ମନେପକାଇ କହିଥିଲେ ଭାଷାଭିତ୍ତିକ ଉତ୍କଳ ପ୍ରଦେଶ ଗଠନ ସମୟରେ ସାରଳା ମହାଭାରତ ବିଶେଷ ସହାୟକ ହୋଇଥିଲା ବୋଲି କହିଥିଲେ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଜେ. ସୋନାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ବିଭୁପ୍ରସାଦ ତରାଇ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଓଡ଼ିଶା ଏବଂ ଓଡ଼ିଆ ଭାଷା ପ୍ରତି କିପରି ଅନ୍ୟାୟ ହୋଇଥିଲା ତା'ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଜିଲାରେ ପାଖାପାଖି ୨ ଲକ୍ଷ ଟଙ୍କା ବିନିଯୋଗ ହେବାକୁ ଯାଉଛି। ଆଗାମୀ ଦିନରେ ଜିଲାର ଉନ୍ନତି ଓ ଲୋକଙ୍କ ଭରସା ପାଇଁ କାମ କରିବା ଉପରେ ମତ ରଖିଥିଲେ। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା କହିଥିଲେ ଜିଲା ଅନେକ କ୍ଷେତ୍ରରେ ଆଗେଇଛି, କିନ୍ତୁ ଆହୁରି ବି ବାକି ଅଛି। ଜିଲାବାସୀ ଏମିତି କିଛି ଭୁଲ କରିବା କଥା ନୁହେଁ, ଯେଉଁଥିରେ ଜିଲାର ନାଁ ପଡିବ। ଜିଲାର ପ୍ରାଣୀ ସମ୍ପଦ, ଚାଷ ବିଶେଷକରି ଷଣ୍ଢ ଉତ୍ପାତ ଉପରେ ବିଧାୟକ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଏସ୍‌ପି ଅଙ୍କିତ ବର୍ମା, ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ, ସମ୍ବିତ କୁମାର ରାଉତ, ନିରଞ୍ଜନ ବେହେରା, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତ୍‌ସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଶ୍ରମରେ ନିଜ ଜିଭ କାଟି ତାନ୍ତ୍ରିକ ଗୁରୁତର

କୁଜଙ୍ଗ, ୧।୪(ମନୋଜ ପ୍ରଧାନ)

ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ମହାବୀର ଆଶ୍ରମ ପରିସରରେ ଜଣେ ତାନ୍ତ୍ରିକ ନିଜ ଜିଭ କାଟି ଗୁରୁତର ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ ପ୍ରତିଦିନ ଭଳି ମଙ୍ଗଳବାର ନୂଆଗାଁ ମହାବୀର ଆଶ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ। ମଧ୍ୟାହ୍ନ ପ୍ରସାଦ ସେବନ ପରେ ଆଶ୍ରମର ଅନ୍ତବାସୀଙ୍କ ବ୍ୟତୀତ ଅନ୍ୟ ଭକ୍ତମାନେ ଚାଲି ଯାଇଥିଲେ। ସନ୍ଧ୍ୟା ସମୟରେ କୁଜଙ୍ଗ ବ୍ଲକ କାଳିଆ ପାଟ ଗ୍ରାମ ନିକଟ କାବଲପୁର ଗ୍ରାମର ଜଣେ ତାନ୍ତ୍ରିକ ମହାବୀର ଆଶ୍ରମ ବାହାରେ ଥିବା ଏକ ଦୋକାନରେ ବସି ରହିଥିଲେ। ଅନ୍ଧାର ହେବାରୁ କେଉଁଆଡେ ଚାଲିଯାଇଥିଲେ। ପରେ ଜଣା ପଡ଼ିଛି ଯେ, ସମ୍ପୃକ୍ତ ତାନ୍ତ୍ରିକ ଆଶ୍ରମ ପରିସରରେ ଲୁଚିରହି ବିଳମ୍ବିତ ରାତ୍ରିରେ ତନ୍ତ୍ର ସାଧନା କରିବା ସହ ନିଜ ଜିଭକୁ ନିଜେ କାଟି ଦେଇଛନ୍ତି। ଏନେଇ ପ୍ରଚୁର ରକ୍ତସ୍ରାବ ଓ ଯନ୍ତ୍ରଣା ହେବାରୁ ସହି ନ ପାରି ଆଶ୍ରମ ପରିସରରେ ଥିବା ଅନ୍ତେବାସୀଙ୍କ ସାହାଯ୍ୟ ଲୋଡି ବେହୋସ ହୋଇଯାଇଥିଲେ। ଆଶ୍ରମ ସେବକମାନେ ବିଳମ୍ବ ନ କରି ସ୍ଥାନୀୟ ପୋଲିସର ସହାୟତାରେ ଆମ୍ବୁଲାନ୍ସ ଯୋଗେ ତାନ୍ତ୍ରିକଙ୍କୁ ପ୍ରଥମେ କୁଜଙ୍ଗ ଓ ପରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ଅଭୟ ଚାନ୍ଦପୁର ଥାନା ଅଧିକାରୀ ସମୀର ରାଉତ ପ୍ରକାଶ କରିଛନ୍ତି। ତାନ୍ତ୍ରିକଙ୍କ ନାମ ଜଣା ପଡି ନ ଥିବା ବେଳେ ସେ କେଉଁ କାରଣ ପାଇଁ ବିଳମ୍ବିତ ରାତିରେ ତନ୍ତ୍ର ସାଧନା କରୁଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଏହି ତାନ୍ତ୍ରିକ ଜଣକ ଆଗରୁ ବହୁବାର ମହାବୀର ଆଶ୍ରମକୁ ଆସିଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଘଟଣା ପୂର୍ବରୁ ଅନ୍ତବାସୀମାନେ ଏସମ୍ପର୍କରେ କୌଣସି ସୂଚନା ପାଇ ନ ଥିବା ପ୍ରକାଶ କରିଛନ୍ତି ।

# ଶିକ୍ଷକତା ପେସାରେ ସାନ୍ନିଧ ମିଳେ

ତିର୍ତ୍ତୋଲ,୧।୪ (ଗୌରାଙ୍ଗ ଚରଣ ସାଇଁ)

ଶିକ୍ଷକଙ୍କ ଜରିଆରେ ଈଶ୍ୱରଙ୍କ ସାନିଧ ମିଳିଥାଏ। ଏହି ପେସାରୁ ଅବସର ମିଳିନଥାଏ ବୋଲି ବକ୍ତାମାନେ କହିଛନ୍ତି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିପ୍ପଳମାଧବ ପଞ୍ଚାୟତ ତ୍ରିଶାଖା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଚ୍ୟୁତାନନ୍ଦ ଦାସଙ୍କୁ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପୂର୍ବତନ ସିଆରସିସି ଧର୍ମାନନ୍ଦ ମଲ୍ଲିକ ସଭାନେତ୍ରୀ ଥିଲେ। ଏଥିରେ ବକ୍ତାମାନେ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସିଆର୍‌ସିସି ଦେବାଶିଷ ମହାନ୍ତି, ସମ୍ମାନିତ ଅତିଥି ଅଶୋକ କୁମାର କୁଣ୍ଡୁ, ଶିକ୍ଷାବିତ ବ୍ରଜ କିଶୋର ନାୟକ, ସୁଶାନ୍ତ କୁମାର ନାୟକ, ନିକୁଞ୍ଜ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

# ଦିବଂଗତ ଖବରଦାତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ପାରାଦୀପ,୧।୪(ଶରତ ରାଉତ)

ପାରାଦୀପର ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ରଶ୍ମିରଞ୍ଜନରାଉତରାୟ(ବାପି)ଙ୍କ ଅକାଳ ବିୟୋଗ ଉପରେ ବୁଧବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନୁଆବଜାରଠାରେ ଆୟୋଜିତ ଏହି ସଭାରେ ଖବରଦାତାମାନେ ବାପିଙ୍କ ସମ୍ପର୍କରେ ଆଲୋଚନା କରିଥିଲେ।

# ଶିକ୍ଷକ ତ୍ରିଲୋଚନଙ୍କୁ ମିଳିଲା ନେଶନ ବିଲ୍ଡର୍ସ ସମ୍ମାନ

ଜଗତ୍‌ସିଂହପୁର, ୧।୪ (ପ୍ରମୋଦ କୁମାର ନାୟକ)



ତ୍ରିଲୋଚନ ସାହୁ

ଜଗତ୍‌ସିଂହପୁର ଜିଲା ଜୁନିଅର୍ ରେଡକ୍ରସ ଅଧିକାରୀ ତଥା ଶ୍ରୀକୃଷ୍ଣ ଏକାଡେମୀ ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ସାହୁଙ୍କୁ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନେଶନ ବିଲ୍ଡର୍ସ ସମ୍ମାନରେ ସମ୍ମାନିତ କରାଯାଇଛି। କଳିଙ୍ଗ ଗୌରବ ଫାଉଣ୍ଡେସନ ଓ ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହୁଙ୍କୁ ଶିକ୍ଷାଦାନ, ଚାରା ରୋପଣ ଓ ସାମାଜିକ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିବା କୁହାଯାଇଛି। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ବରିଷ୍ଠ ସଦସ୍ୟ ମନୋଜ ତ୍ରିପାଠୀ, ଡ଼. ଚିଦାତ୍ମିକ ଖଟୁଆ, ସୁନୀତା ମହାନ୍ତି ଓ କଳ୍ପନା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ନେଶନ ବିଲ୍ଡର୍ସ ସମ୍ମାନ ପାଇବା ପରେ ସାହୁ ଉତ୍କଳ ଗୌରବ ଫାଉଣ୍ଡେଶନ ଓ ରୋଟାରୀ କ୍ଲବ ଭୁବନେଶ୍ୱରକୁ କୃତଜ୍ଞତା ଜଣାଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଆସୁଥିବା ସାହୁ କହିଛନ୍ତି ।

# ପୋର୍ଟାଲରେ ଜନଗଣନା: ଘରେ ସଚେତନ କଲେ ଅଧିକାରୀ

## ସ୍ୱପଞ୍ଜୀକରଣ ପାଇଁ ଖୋଲିଲା ୱେବ୍‌ସାଇଟ


ଅଧିକାରୀମାନେ ଜଣେ ବ୍ୟକ୍ତିଙ୍କ ଘରେ ଜନଗଣନା ସମ୍ପର୍କରେ ସଚେତନତା କରୁଛନ୍ତି।

ରଘୁନାଥପୁର,୧।୪
(ରାଜେନ୍ଦ୍ର ନାରାୟଣ ସିଂହ)

ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱପଞ୍ଜୀକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ୱେବସାଇଟ ଖୋଲାଯାଇଛି। ପୋର୍ଟାଲ ମାଧ୍ୟମରେ ସ୍ୱପଞ୍ଜିକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ବୁଧବାର ରଘୁନାଥପୁରରେ ବ୍ୟାପକ ପଦକ୍ଷେପ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଦାୟିତ୍ୱରେ ଥିବା ଅଧିକାରୀ ତଥା ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କ ତତ୍ତ୍ୱାବଧାନରେ ଅନ୍ୟ ଅଧିକାରୀମାନେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଘରେ ପହଞ୍ଚି ଏ ସମ୍ପର୍କରେ ସଚେତନ କରିଛନ୍ତି। ଏହି କ୍ରମରେ ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରା ନେତୃତ୍ୱରେ ଜନଗଣନା ଦାୟିତ୍ୱରେ ଥିବା ତହସିଲ କର୍ମଚାରୀ ଅବିନାଶ ସେଠୀ, ଫିଲ୍ଡ ଟ୍ରେନର ରଞ୍ଜନ କୁମାର ମିଶ୍ର ଓ ଅକ୍ଷୟ କୁମାର ମହାନ୍ତି ଏବଂ ସୁପରଭାଇଜର ଜୟପ୍ରକାଶ ପଣ୍ଡା ପ୍ରମୁଖ ରାଜନୈତିକ ବ୍ୟକ୍ତି, ଶିକ୍ଷାବିତ,ଉଦ୍ୟୋଗୀ,ସଫଳ ଚାଷୀ ଓ ବୁଦ୍ଧିଜୀବୀଙ୍କ ଘରେ ପହଞ୍ଚିଥିଲେ। ଜନଗଣନା ନିମନ୍ତେ ସରକାରଙ୍କ ପ୍ରଦତ୍ତ ୱେବସାଇଟରେ କିପରି ନାମ ଓ ଅନ୍ୟାନ୍ୟ ତଥ୍ୟ ପଞ୍ଜୀକରଣ କରାଯିବ ସେ ସମ୍ପର୍କରେ ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ।ଏହାଛଡା ଯେକୌଣସି ବ୍ୟକ୍ତି ପୋର୍ଟାଲ ମାଧ୍ୟମରେ ତଥ୍ୟ ପଞ୍ଜୀକରଣ କରିବା ପରେ ସେମାନଙ୍କୁ ଏକ ଆଇଡି ନମ୍ବର ପ୍ରାପ୍ତ ହେବ। ଏହି ଆଇଡି ନମ୍ବରକୁ ସେମାନେ ମନେ ରଖିବେ କିମ୍ବା ଲିଖିତ ଭାବେ ରଖିବେ। ଯଦି କେହି ବ୍ୟକ୍ତି ଏଥିରେ ସନ୍ତୋଷ ଜନକ ଉତ୍ତର ରଖିନାହାନ୍ତି କିମ୍ବା କୌଣସି ତଥ୍ୟ ଭୁଲ ରହିଛି ତାହାଲେ ଦାୟିତ୍ୱରେ ଥିବା ଅଧିକାରୀମାନେ ଘରକୁ ଗଲେ ସେମାନଙ୍କୁ ଆଇଡି ନମ୍ବର ଦେଇ ପୋର୍ଟାଲ ଖୋଲି ସଂଶୋଧନ କିମ୍ବା ପରିବର୍ତ୍ତନ କରିପାରିବେ ବୋଲି ତହସିଲଦାର ନାୟକ ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୧୬ ରୁ ମେ ୧୫ ପର୍ଯ୍ୟନ୍ତ ଚାଲୁରହିବ।ଏଥିରେ ଜନଗଣନାକାରୀ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରକୁ ଯାଇ ତଦାରଖ କରିବେ। ଏହି ଜନଗଣନା ଆସନ୍ତା ବର୍ଷ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚାଲୁରହିବ। ଏଥିରେ ଦିଆଯାଉଥିବା ସମସ୍ତ ତଥ୍ୟ ଗୋପନୀୟ ରହିବ ବୋଲି ତହସିଲଦାର ନାୟକ ସୂଚନା ଦେଇଛନ୍ତି।

# ଏମ୍‌ପି, ପୂର୍ବତନ ଏମ୍‌ପିଙ୍କଠାରୁ ଜନଗଣନା ଆରମ୍ଭ


ପୂର୍ବତନ ଏମ୍‌ପି ଡ. କୁଳମଣି ସାମଲଙ୍କ ଘରେ ଚାଲିଛି ଜନଗଣନା କାର୍ଯ୍ୟ।

କୁଜଙ୍ଗ,୧।୪(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅଞ୍ଚଳରେ ବୁଧବାରରୁ ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କୁଜଙ୍ଗ ବ୍ଲକ ରଙ୍ଗିଆଗଡସ୍ଥିତ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ବାସଭବନ, ମଙ୍ଗରାଜପୁର ଗ୍ରାମସ୍ଥିତ ଏମ୍‌ପି ଡ. ବିଭୁପ୍ରସାଦ ତରାଇ ଓ ବଳରାମପୁର ଗ୍ରାମସ୍ଥିତ ପୂର୍ବତନ ଏମ୍‌ପି ଡା.କୁଳମଣି ସାମଲଙ୍କ ଘରୁ ଏହି ଜନ ଗଣନାର ଶୁଭାରମ୍ଭ କରାଯାଇଥିଲା। ଏମ୍‌ପିଙ୍କ ଘରେ ଜନଗଣନା ଅଧିକାରୀମାନେ ତାଙ୍କ ବଡଭାଇ ତଥା ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ମହାପାତ୍ରଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ସେହିପରି ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲଙ୍କଠାରୁ ମଧ ଜନ ଗଣନା ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଇଥିଲା। କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କ ପରାମର୍ଶ କ୍ରମେ ଜନଗଣନା ସୁପରଭାଇଜର ଆଶୁତୋଷ ମୁଦୁଲି, ସୁଶାନ୍ତ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲା ପରିଷଦ ସଭ୍ୟଙ୍କ ନାମରେ ମାମଲା

କୁଜଙ୍ଗ, ୧।୪(ମନୋଜ ପ୍ରଧାନ)

## ବେଆଇନ ଗ୍ୟାସ୍ କାରବାର ଘଟଣା

ଏରସମା ବ୍ଲକ ୪ନଂ.ଜୋନ ଜିଲାପରିଷଦ ସଭ୍ୟ ତଥା ଏରସମା ବ୍ଲକ କଂଗ୍ରେସ ସଭାପତି ପିନାକୀ ନାରାୟଣ ଦାସଙ୍କ ବାଲିତୁଠ ସ୍ଥିତ ଘରୁ କୁଜଙ୍ଗ ପୋଲିସ ମଙ୍ଗଳବାର ବେଆଇନ ଗ୍ୟାସ ସିଲିଣ୍ଡର ଜବତ କରିବା ସହ ତାଙ୍କ ମାମୁ ସାରଦା ପ୍ରସନ୍ନ ନାୟକଙ୍କୁ ଗିରଫ କରିଥିଲା। ବୁଧବାର ଏହି ବେଆଇନ କାରବାରରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ପିନାକୀଙ୍କ ନାମରେ ମାମଲା (ନଂ. ୯୩/୨୬)ରୁଜୁ କରିଛି। ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଘରେ ବହୁ ବର୍ଷ ଧରି ବେଆଇନ ଗ୍ୟାସ ଗଚ୍ଛିତ ରହିବା ଓ ଅନୁମତି ନ ଥାଇ ଫିଲିଂ କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଛି।

# ପାଠପଢ଼ାରେ ମନୋନିବେଶ କରି ବିଦ୍ୟାଳୟର ସୁନାମ ବଢ଼ାଅ


ଉତ୍ସବରେ ଜଣେ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଜଗତ୍‌ସିଂହପୁର, ୧।୪ (ପ୍ରମୋଦ କୁମାର ନାୟକ)

## ଶୁଦ୍ଧାନନ୍ଦ ବିଦ୍ୟାଳୟର ୨୨ତମ ବାର୍ଷିକ ଉତ୍ସବ

ଜଗତ୍‌ସିଂହପୁର ଗାନ୍ଧି ଛକ ନିକଟ ଶୁଦ୍ଧାନନ୍ଦ ବିଦ୍ୟାଳୟର ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡିଆଇବି ଡିଏସ୍‌ପି ପ୍ରଭାତ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ପାଠ ପଢାରେ ମନୋନିବେଶ କରି ବିଦ୍ୟାଳୟର ସୁନାମ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସ୍ୱାମୀ ମହିମାନନ୍ଦ ଓ ସ୍ୱାମୀ ଅଦ୍ୱୈତାନନ୍ଦ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ବିଶ୍ୱଜିତ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କ ସମେତ ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ବ୍ରହ୍ମଚାରୀ ଯଦୁନାଥ ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# ନୂତନ ପ୍ରାଣୀ ଚିକିତ୍ସାଳୟର ଶୁଭ ଉଦ୍‌ଘାଟନ

ରଘୁନାଥପୁର,୧।୪(ରାଜେନ୍ଦ୍ର ନାରାୟଣ ସିଂହ)

ଓଡ଼ିଶା ଦିବସ ଅବସରରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଜଗତସିଂହପୁର ଜିଲା ରଘୁନାଥପୁର ବ୍ଲକରେ ପ୍ରାଣୀ ଚିକିତ୍ସାଳୟର ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ମଲ୍ଲିକ ରଘୁନାଥପୁର ବଜାରରେ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ଉଦଘାଟନ ସ୍ଥଳକୁ ପାଛୋଟି ନେଇଥିଲେ। ସେଠାରେ ବିଡିଓ ଡା.ଚିନ୍ମୟ କୁମାର ସାହୁଙ୍କ ପରିଚାଳନାରେ ମନ୍ତ୍ରୀ ମଲ୍ଲିକ ଫିତା କାଟି କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ଏମ୍‌ପି ବିଭୁପ୍ରସାଦ ତରାଇ, ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ, ତିର୍ତ୍ତୋଲ ଭାଜପା ନେତା ରାଜକିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡା ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଜେ ସୋନାଲ, ତହସିଲଦାର ରାଜଲକ୍ଷ୍ମୀ ନାୟକ, ବିଡିଓ ବିରଞ୍ଚି ନାରାୟଣ ବେହେରା, ସିଡିଭିଓ ଅଜୟ କୁମାର ସାହୁ, ଏଡିଭିଓ ଯଦୁମଣି ପରିଡା, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ଓ ଇପ୍‌ସିତା


ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ବିଧାୟକ ରମାକାନ୍ତ ଭୋଇ ଫିତା କାଟୁଛନ୍ତି।

ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ମଲ୍ଲିକ ଉଦଘାଟନ କାର୍ଯ୍ୟକ୍ରମ ସାରିବା ପରେ ନିକଟରେ ଦଳୀୟ କର୍ମୀଙ୍କ ଦ୍ୱାରା ଆୟୋଜିତ ଏକ ସଭାରେ ଯୋଗଦେଇଥିଲେ। ସେଠାରେ ଦୁଇପଦ ବକ୍ତବ୍ୟ ରଖି ଗାଡି ନିକଟକୁ ଆସିବା ସମୟରେ କେତେଜଣ ଚାଷୀ ଧାନମଣ୍ଡି ସମସ୍ୟା ସମ୍ପର୍କରେ ଅବଗତ କରି ମନ୍ତ୍ରୀ ମଲ୍ଲିକଙ୍କୁ ଆଗକୁ ଯିବାକୁ ଦେଇ ନ ଥିଲେ। ଏମ୍‌ପି ତରାଇ ଚାଷୀଙ୍କୁ ବୁଝାଇ ଧାନମଣ୍ଡି ସମସ୍ୟାର ଉତ୍ତର ଦାୟିତ୍ୱ ନିଜେ ବୁଝିବେ ବୋଲି କହିବା ପରେ ମନ୍ତ୍ରୀ ମଲ୍ଲିକ ସ୍ଥାନ ପରିତ୍ୟାଗ କରିଥିଲେ। ସେଠାରୁ ମନ୍ତ୍ରୀ ମଲ୍ଲିକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ଅଭିମୁଖେ ଯାଇ ସୌଭାଗ୍ୟ ଜେନାଙ୍କ ଏକ ଛେଳି ଫାର୍ମ ପରିଦର୍ଶନ କରି ଜଗତସିଂହପୁର ଅଭିମୁଖେ ଯାତ୍ରା କରିଥିଲେ। ଜିଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁବୋଧ କୁମାର ବାରିକ, ଜିଲା ଉପସଭାପତି ସୁବାସ ଜେନା, ଯୁବନେତା ଅଶୋକ ମହାରଣାଙ୍କ ସହ ଦଳୀୟ କର୍ମୀ ଓ ପ୍ରାଣୀ ଚିକିତ୍ସାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାରତରେ ଭାଷାଭିତ୍ତିକ ରାଜ୍ୟ ଗଠନରେ ଓଡ଼ିଶା ପ୍ରଥମ

## ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

ଜଗତ୍‌ସିଂହପୁର, ୧।୪
(ପ୍ରମୋଦ କୁମାର ନାୟକ)

ଉତ୍କଳ ସମ୍ମିଳନୀ ଜଗତ୍‌ସିଂହପୁର ଜିଲା ଶାଖା ତରଫରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଉତ୍କଳ ଗୌରବ ମଧୁସୂଦନ ଦାସ, ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଡକର, ଭାରତର ଆଦର୍ଶ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ ସମ୍ମିଳନୀ ଜିଲା ସଭାପତି ଶିବ ପ୍ରସାଦ ମାଝୀ, ଉପସଭାପତି ଆର୍ତ୍ତତ୍ରାଣ ପତି, ଗୋବିନ୍ଦ ଓଝା, ପରାମର୍ଶଦାତା ତଥା ଦଳିତ ନେତା ଶଙ୍କର ଦାସ, କୋଷାଧ୍ୟକ୍ଷ ରବି ମହାନ୍ତି, ଅଧିବକ୍ତା ସୁରେନ୍ଦ୍ର ନାଥ ରାଉତରାୟ, ହିମାଞ୍ଚଳ ରାୟ, ଯୋଗଜନ୍ମା ଚାନ୍ଦ ଓ ରୁଦ୍ରନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଏରସମାସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠରେ ଓଡ଼ିଶା ଦିବସ ପାଳନ କରାଯାଉଛି।

ପାରାଦୀପ,(ଶରତ ରାଉତ)

ପାରାଦୀପ ଷଣ୍ଢକୁଦଠାରେ ବରିଷ୍ଠ ନାଗରିକ ସଙ୍ଗଠନ ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ ବୃଦ୍ଧାବୃଦ୍ଧଙ୍କୁ ସମ୍ମାନିତ କରାଯାଇଥିଲା। ସୁଧାଂଶୁ ଶେଖର ଦାସ ଏହାର ନେତୃତ୍ୱନେଇଥିଲେ। ନୁଆବଜାର ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ଓଡ଼ିଶା ସମାଜ ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ, ଡାକ୍ତର ଦୁର୍ଗପ୍ରସାଦ ସେଠୀ, ଆୟୋଜକ ଧ୍ରୁବଚରଣ ମହାପାତ୍ର ପ୍ରମୁଖ ଯୋଗଦେଇ ଭାରତରେ ଭାଷା ଭିତ୍ତିକ ରାଜ୍ୟ ଗଠନରେ ଓଡ଼ିଶା ପ୍ରଥମ ବୋଲି କହିଥିଲେ। ମଧୁବନ ସାକ୍ଷରତା ସମିତି ପରିସରରେ ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପକ ସନ୍ତୋଷ ସାମଲ, ଅଶୋକ କୁମାର ମହାପାତ୍ର ନଗେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଏରସମା, (ଦୀପ୍ତି ଖଣ୍ଡୁଆଳ )

ଏରସମା ବ୍ଲକ ଅନ୍ତର୍ଗତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଶଶୀଭୁଷଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପଣ୍ଡିତ ନାଗୁ ଚରଣ ଦେବତା, ରବି ଦାସ, ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି,ଅଧ୍ୟାପକ ସଞ୍ଜୟ କୁମାର ବିଶ୍ୱାଳ, ବିରନାରାୟଣ ପାତ୍ର, ନରେନ୍ଦ୍ର କୁମାର ସ୍ୱାଇଁ, ମଥୁରୀ ସେଠୀ ପ୍ରମୁଖ ଉପସ୍ଥିତ ହୋଇ ଓଡ଼ିଶା ଦିବସର ତାପର୍ଯ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଅବସର ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଗାନ୍ଧୀ ଛକଠାରେ ଜାତୀୟ ମାନବ ଅଧିକାର ସାମାଜିକ ନ୍ୟାୟ ପରିଷଦ ଏରସମା ଶାଖା ପକ୍ଷରୁ ଜଳଛତ୍ର ଖୋଲା ଯାଇଛି। ଅନୁଷ୍ଠାନର ଜିଲା ସଭାପତି ଚନ୍ଦ୍ରକାନ୍ତ ଦାସ ଓ ବ୍ଲକ ସଭାପତି ଚନ୍ଦ୍ରଜିତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜଳଛତ୍ରକୁ ଏରସମା ଥାନା ଅଧିକାରୀ ପ୍ରେମ୍‌ଜୀତ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ନାଉଗାଁ ବ୍ଲକ ସଭାପତି ଦୀପ୍ତିରେଖା ଦାସ, ନିଆଳି ବ୍ଲକ ସଭାପତି ଲକ୍ଷ୍ମୀପ୍ରିୟା ଦାସ, ଜିଲା ଉପସଭାପତି ନନ୍ଦ କିଶୋର ପରିଡା, ସାମାଜିକ ନ୍ୟାୟ ପରିଷଦ ସଦସ୍ୟା ମନୁଆର ବେଗମ, ଭାଜପା ନେତା ନୃସିଂହ ସାହୁ ଓ ଆଇନଜୀବୀ ଅକ୍ଷୟ ସ୍ୱାଇଁ, ପ୍ରମୁଖ ଯୋଗଦେଇଥିଲେ।

# ପ୍ରାଚୀନ ସଂସ୍କୃତିକୁ ନେଇ ଓଡ଼ିଆ ଭାଷା ଆଗକୁ ନିଆଯିବ

## ନୟାଗଡ଼ରେ ଓଡ଼ିଶା ଦିବସ ସମାରୋହ



ଓଡ଼ିଶା ଦିବସ ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ଅତିଥି।

**ନୟାଗଡ଼,୧୪(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ସମାରୋହ ପଠାଣି ସମାନ୍ତ ଜିଲା ସଂସ୍କୃତି ଭବନ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଯୋଗଦେଇ କହିଛନ୍ତି, ଓଡ଼ିଆ ଭାଷା ଆଧାରିତ ରାଜ୍ୟ ହେଲା ଓଡ଼ିଶା। ପ୍ରାଚୀନ ସଂସ୍କୃତିକୁ ନେଇ ଓଡ଼ିଆ ଭାଷାକୁ ଆଗକୁ ନିଆଯିବ। ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ୨୦୩୬ରେ ହେବାକୁ ଯାଉଛି। ଓଡ଼ିଶାକୁ ବିକଶିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ୨୦୪୭ର ଭିଜନରେ ଓଡ଼ିଶାର ବି ୫ ଟ୍ରିଲିୟାନ ଡଲାରର ବିଜିନେସ କରିବା ପାଇଁ ରହିଛି। ଏହି ଉଦ୍ଦେଶ୍ୟରେ ଯାହା କିଛି କରିବାର ଅଛି ଆମ ସରକାର ତାହା କରିବାକୁ ନିଷ୍ପତ୍ତି ନେଇଛି। କୌଣସି ଏମିତି ଗାଁ ନ ଥିବ କି କୌଣସି ଏପରି ଚାଷୀ ନ ଥିବେ ସେମାନଙ୍କ ଜମିରେ ପାଣି ପହଞ୍ଚି ନ ଥିବ। ୨୦୩୬କୁ ଆଖି ଆଗରେ ରଖି ଭିଜନ ଡକ୍ୟୁମେଣ୍ଟସ ସରକାର ପ୍ରସ୍ତୁତ କରିଛନ୍ତି। ବିଦ୍ୟୁତ୍ ଉତ୍ପାଦନ ହେଉ ଅଥବା କୃଷିର ବଜାର ଲିଙ୍କେଜ କରିବାର ହେଉ ଏଥିପାଇଁ ବ୍ୟବସ୍ଥା କରାଯାଇଛି। ପୁଣି ଆତ୍ମ ନିର୍ଭର ଭାରତରେ ସମସ୍ତ ଲୋକଙ୍କ ଯୋଗଦାନ ରହିବାର ବ୍ୟବସ୍ଥା କରାଯାଇଛି। ସବୁ ରାଜନୈତିକ ଦଳ ମିଶି କରି ଭାରତକୁ ବିକଶିତ କରିବେ। ବିଶ୍ୱ ଦରବାରରେ ଭାରତ ୧ନଂ. ସ୍ଥାନରେ ପହଞ୍ଚିବ ବୋଲି କହିଥିଲେ। ତେବେ ଜିଲାର ବିଭିନ୍ନ ପର୍ଯ୍ୟଟନ ପୀଠର ଉନ୍ନତି ପାଇଁ ଖଣ୍ଡପଡ଼ା ବିଧାୟକଙ୍କ ଦାବିକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ ମ୍ୟୁନିସିପାଲିଟି ଅଧକ୍ଷା ନିରୁପମା ଖଟେଇ, ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଜିଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଞ୍ଚାସୀନ ଥିଲେ। ଓଡ଼ିଶା ଦିବସ ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜୀ ଯନ୍ତ୍ର ଯୋଗେ ଦେଶାତ୍ମକବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅନ୍ୟପକ୍ଷେ ନୟାଗଡ଼ ପୌର ପରିଷଦ ମଧ୍ୟରେ ଅବସ୍ଥାପିତ ବିଭିନ୍ନ ମନିଷୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ୩ ଦିନିଆ ଜନଗଣନା ପ୍ରଶିକ୍ଷଣ ଶିବିର



**ଭାପୁର,୧୪ (ପ୍ରଭାତ ବରାଡ)**

ଭାପୁର ବ୍ଲକରେ ତିନିଦିନିଆ ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆସନ୍ତା ଜାତୀୟ ଜନଗଣନା ପାଇଁ ଭାପୁର ବ୍ଲକର ତହସିଲଦାର ଲୋପାମୁଦ୍ରା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ୩ ଦିନିଆ ଜନଗଣନା ପ୍ରଶିକ୍ଷଣ ଶିବିରକୁ ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରୀୟା ଉପସ୍ଥିତ ରହି ପ୍ରଶିକ୍ଷଣ ଦେବା ସହ ସୁପରିଚାଳନା କରିଥିଲେ। ଶିବିରରେ ଭାପୁର ବ୍ଲକର ୨୨୮ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଚାଲିଥିବା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠଠାରେ ସୋମବାରଠାରୁ ଆରମ୍ଭ ହୋଇ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷକ ଭାବେ ଖଣ୍ଡପଡ଼ା ପଠାଣୀ ସାମନ୍ତ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ଅଶୋକ କୁମାର ସାହୁ, ଟିଙ୍କିରିପଡା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଲକ୍ଷ୍ମୀଧର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା, ଭାପୁର ବ୍ଲକ ୱେଲଫେୟାର ଅଫିସର ତୁଳସୀ ବରାଳ, ଖଣ୍ଡପଡା ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ୧୦ବର୍ଷରେ ଥରେ ଦେଶରେ ହେଉଥିବା ଏହି ଜନଗଣନା ୨୦୨୧ରେ ହେବାକୁ ଥିବାବେଳେ କୋଭିଡ କଟକଣା ପାଇଁ ଏହା ହୋଇ ନ ପାରି ଚଳିତବର୍ଷ ହେଉଛି। ଦେଶର ପ୍ରଗତି ପାଇଁ ସମସ୍ତେ ଏହି ଜନଗଣନାରେ ସାମିଲ ହୋଇ ଠିକ୍ ତଥ୍ୟ ପ୍ରଦାନ କରିବା ଦେଶହିତ ପାଇଁ ଜରୁରୀ ଅଟେ। ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ନିଜେ ନିଜ ମୋବାଇଲରେ ସରକାରଙ୍କ ଜନଗଣନା ଇ. ପୋର୍ଟାଲରେ ନିଜ ନାମ ପଞ୍ଜୀକରଣ କରିପାରିବେ। ୧୬ ତାରିଖଠାରୁ ପ୍ରଶିକ୍ଷଣ ନେଇଥିବା ଏହି ଶିକ୍ଷୟିତ୍ରୀମାନେ ଘର ଘର ବୁଲି ଜନଗଣନା କରିବେ ବୋଲି ସୂଚନା ଦେଇଥିଲେ।

# ଜଣାପଡ଼ିଲାନି ଏପ୍ରିଲ ୨ରେ ସକାଳେ ନା ୧୦ଟାରେ ସ୍କୁଲ

## ସନ୍ଦେହରେ ଶିକ୍ଷକ, ଖଡିଛୁଆଁ ଦିବସ ପାଳନକୁ ନେଇ କେଁ

**ନୟାଗଡ,୧୪(ଲୋକନାଥ ମିଶ୍ର)**

ଏପ୍ରିଲ ୨ରେ ଆରମ୍ଭ ହେଉଛି ନୂଆ ଶିକ୍ଷାବର୍ଷ। ଖରାକୁ ଆଖି ଆଗରେ ରଖି ପ୍ରତିବର୍ଷ ଏପ୍ରିଲ ୨ରେ ସକାଳୁଆ ସ୍କୁଲ ହୁଏ। ବେଳେ ବେଳେ ଏପ୍ରିଲ ୨ ପୂର୍ବରୁ ବି ସକାଳୁଆ ସ୍କୁଲ ହୁଏ। ଚଳିତ ବର୍ଷ ଏପ୍ରିଲ ୨ରେ ସକାଳୁଆ ସ୍କୁଲ ହେବ କି ନାଁ ସରକାରୀ ସ୍ତରରେ ଆଦେଶନାମା ପ୍ରକାଶ ପାଇଲା ନାହିଁ। ଜିଲା ଶିକ୍ଷା ଅଧିକାରୀ ଅଥବା ବ୍ଲକ ଶିକ୍ଷା ଅଧିକାରୀ ଏ ନେଇ କିଛି ନିର୍ଦ୍ଦେଶ ବି ଦେଲେ ନାହିଁ। ଶିକ୍ଷକମାନେ ସକାଳୁଆ ସ୍କୁଲ କରିବେ ନାଁ ୧୦ଟାରେ ସ୍କୁଲ କରିବେ ସେନେଇ ଜାଣି ପାରିନାହାନ୍ତି। ଜିଲାର ଅଧିକାଂଶ ସ୍କୁଲ ଗୁରୁବାର ଏପ୍ରିଲ ୨ରେ ୧୦ଟାରେ ଆରମ୍ଭ ହୋଇ ଖଡିଛୁଆଁ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କିଛି ସ୍କୁଲ ସକାଳୁଆ ସ୍କୁଲ କରିପାରନ୍ତି। ଏଭଳିସ୍ଥଳେ ଖଡିଛୁଆଁ ଦିବସ ପାଳନକୁ ନେଇ କେଁ ଦେଖା ଦେଇଛି। ଏ ନେଇ ନୟାଗଡ଼ ବିଇଓ ଉମାକାନ୍ତ ସେଠୀଙ୍କୁ ପଚାରିବାରେ ପ୍ରତିବର୍ଷ ଏପ୍ରିଲ ୨ରୁ ସାକାଳୁଆ ସ୍କୁଲ ହେଉଛି। ଏଣୁ ନୟାଗଡ଼ ବ୍ଲକରେ ସକାଳୁଆ ସ୍କୁଲ ହେବ ବୋଲି ସେ କହିଛନ୍ତି।

# ଉତ୍କଳ ପ୍ରଦେଶ ଗଠନର ଭିତ୍ତିଭୂମି ସମ୍ପର୍କିତ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ନୟାଗଡ଼,୧୪(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ପ୍ରଶାସନ ଓ ଉତ୍କଳ ସମ୍ମିଳନୀ ନୟାଗଡ଼ ଜିଲା ଶାଖାର ମିଳିତ ଆନୁକୂଲ୍ୟରେ ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ଓଡ଼ିଶା ଦିବସ ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଭିତ୍ତିଭୂମି ଓ ପୂର୍ଣ୍ଣାଙ୍ଗ ରୂପରେଖ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉତ୍କଳ ସମ୍ମିଳନୀ ନୟାଗଡ଼ ଜିଲା ଶାଖାର ସଭାନେତ୍ରୀ ବସିରିନି ବିବି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ଜିଲାପାଳ ମଧୁମିତା ରଥ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଓ ଆଲୋଚକ ଭାବେ ଶରତ ଚନ୍ଦ୍ର ଆଚାର୍ଯ୍ୟ, ମହମ୍ମଦ ଉମାର ମାଲିକ ଓ ହାଡ଼ିବନ୍ଧୁ ମହାଖୁଡ ପ୍ରମୁଖ ଉପସ୍ଥିତ ରହିଥିଲେ। ଅତିଥିମାନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୃଷ୍ଠଭୂମି ଉପରେ ଓଡ଼ିଆ ଜାତିର ଇତିହାସ, ମହାପୁରୁଷ ପରମ୍ପରା, ସଂସ୍କୃତି ଓ ସ୍ୱାଭିମାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷେ ସାଧାରଣଜ୍ଞାନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହାକୁ କୁଇଜ୍ ମାଷ୍ଟର ଚନ୍ଦ୍ରବିଜୟୀ ମିଶ୍ର ପରିଚାଳନା କରିଥିଲେ। କୁଇଜ ବିଜେତାଙ୍କୁ ଉତ୍କଳ ସମ୍ମିଳନୀ ନୟାଗଡ଼ ଶାଖା ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସଭା ଆରମ୍ଭ ପୂର୍ବରୁ ମୁଁ ଓଡ଼ିଆ ଝିଅ ନୃତ୍ୟ ପରିବେଷଣ କରିଥିଲେ ନୟାଗଡ଼ ବ୍ଲକ ବରପଲ୍ଲୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ। ଅତିଥିମାନେ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅନୁଷ୍ଠାନର ଉପସଭାପତି ଅରୁଣ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। କବି ଗୋପୀନାଥ ସେଠୀ ଓ ଅଧ୍ୟାପିକା ନିଳୀମା ନନ୍ଦଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତି ରହି ଉତ୍ସବକୁ ସଫଳ କରିଥିଲେ। ଉତ୍କଳ ସମ୍ମିଳନୀ ନୟାଗଡ଼ ସଭ୍ୟ ଗୋକୁଳ କୁମାର ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଦୀପ ସାହୁ, ପ୍ରଭାସିନୀ ବରାଡ, ସୁଜାତା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥଲେ।

# ଜନନେତା କେଦାରଙ୍କ ଶ୍ରାଦ୍ଧବାର୍ଷିକୀ

**ଖଣ୍ଡପଡା,୧୪ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଜଣେ ଦରଦୀ ଜନନେତା ଭାବେ ପରିଚିତ ସାମାଜିକ କର୍ମୀ କେଦାରନାଥ ମହାନ୍ତିଙ୍କ ୮ମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। କେଦାର ମହାନ୍ତି ସ୍ମୃତି ପରିଷଦ ପକ୍ଷରୁ କିଆଝରସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହମର୍ଦ୍ଦରାଜ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ଶିକ୍ଷାବିତ୍ ଜନ୍ମେଜୟ ନାୟକ, ଖଣ୍ଡପଡା ବାର ଆସୋସିଏଶନର ସମ୍ପାଦକ ବିକ୍ରମ କେଶରୀ ଦେଓ, ଶିଶୁକବି କାଶୀନାଥ ଦାସ, ଖଣ୍ଡପଡା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ଆଇଆଇସି କୃତିବାସ ହରିଚନ୍ଦନ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ମହାନ୍ତିଙ୍କ ପୁତ୍ର ତଥା ଖଣ୍ଡପଡା ବ୍ଲକ ଏମପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂହ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଉତ୍ପଳ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଖଣ୍ଡପଡା ନିର୍ବାଚମଣ୍ଡଳୀରୁ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶିକ୍ଷାବିତଙ୍କ ଉପସ୍ଥିତ ଥିଲେ। ଶେଷରେ ପୂର୍ବତନ ସରପଞ୍ଚ ଶରତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ରଣପୁର ଏନ୍‌ଏସିରେ ଆରମ୍ଭ ହେଲା ଜନଗଣନା


ପୂର୍ବତନ ରାଜ୍ୟସଭା ସଦସ୍ୟ ରବିନାରାୟଣ ମହାପାତ୍ରଙ୍କ ଘରୁ ଜନଗଣନା ଆରମ୍ଭ ହେଉଛି।

**ରଣପୁର ୧୪ (ସୁକାନ୍ତ କିଶୋର ଡାକୁଆ)**

ରଣପୁର ଏନ୍‌ଏସିରେ ବୁଧବାର ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସକାଳୁ ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ବିଧାୟକ ରବିନାରାୟଣ ମହାପାତ୍ରଙ୍କ ଶାମୁକାସାହି ବାସଭବନରେ ଜନଗଣନା ଆରମ୍ଭ ହୋଇଛି। ଏଥିରେ ବିଜ୍ଞାପିତ ଅଞ୍ଚଳ ପରିଷଦ ରଣପୁରର ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ଅତିରିକ୍ତ ଚାର୍ଜ ଅଧିକାରୀ ଆଲୋକ ଶତପଥୀ, ପୌର ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ା, ଅଭିଷେକ ପଟ୍ଟନାୟକ, କୁମାର ସୁଜିତ, ବରିଷ୍ଠ ଶିକ୍ଷକ ଉପସ୍ଥିତ ରହି ଉକ୍ତ ଗଣନାରେ ସହାୟତା କରିଥିଲେ। ସୂଚନାଯୋଗ୍ୟ, ଉଭୟ ତହସିଲ ଓ ଏନ୍‌ଏସି ପକ୍ଷରୁ ଏହି ଜନଗଣନା ପାଇଁ ନିଯୋଜିତ ସମସ୍ତ ଗଣନାକାରୀ ଓ ପର୍ଯ୍ୟବେକ୍ଷକମାନଙ୍କର ତାଲିମ ମାର୍ଚ୍ଚ ୩୧ତାରିଖଠାରୁ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଆରମ୍ଭ ହୋଇ ୩ ଦିନ ପର୍ଯ୍ୟନ୍ତ ଚାଲୁରହିବ।

# ଖବରଦାତା ମା'ଙ୍କ ପରଲୋକ

**ରଣପୁର, ୧୪ (ସୁକାନ୍ତ କିଶୋର ଡାକୁଆ)**



ରଣପୁର ବ୍ଲକର ବରିଷ୍ଠ ଖବରଦାତା ରଘୁନାଥ ନାୟକଙ୍କ ମାତା କମଳା(୮୫)ଙ୍କର ଶାମୁକା ସାହିସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଭାବେ ଅଞ୍ଚଳରେ ଜଣାଶୁଣା। ପରଲୋକ ବେଳକୁ ତାଙ୍କ ପାଖରେ ୩ ପୁଅ କାଶୀନାଥ ନାୟକ, ରଘୁନାଥ ନାୟକ, ବିଭୂତି ଭୂଷଣ ନାୟକ ଓ ଏକମାତ୍ର କନ୍ୟା ଶାନ୍ତିଲତାଙ୍କ ସହ ତିନି ବୋହୂ, ନାତୁଣୀନାତି, ନାତୁଣୀ ଜ୍ୱାଇଁ, ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କର ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ତିମ ଦର୍ଶନ ପାଇଁ ବନ୍ଧୁ ପରିଜନ ସମାଜସେବୀ, ଖବରଦାତା ଓ ପଡୋଶୀ ଆସି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ବଡ଼ ପୁଅ କାଶୀନାଥ ମୁଖାଗ୍ନୀ ଦେଇଥିଲେ।

# ୨୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଶାଗୁଆନ ଲଗ୍ ଜବତ



**ଭାପୁର, ୧୪ (ପ୍ରଭାତ ବରାଡ)**

ଭାପୁର ବ୍ଲକର ବନପାଳ ଚଢ଼ାଉ କରି ମୂଲ୍ୟବାନ ଶାଗୁଆନ ଲଗ ଜବତ କରିଛନ୍ତି। କୌଣସି ସୂତ୍ରରୁ ବନ ବିଭାଗର ଅଧିକାରୀ ଖବର ପାଇ ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ମାରଡା ଗ୍ରାମରେ ବୁଧବାର ଚଢ଼ାଉ କରି ୬ ସିପଟ ୭ ଫୁଟିଆ ଶାଗୁଆନ ଲଗ ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ଭାପୁର ବନପାଳ ସୁବାସ ଚନ୍ଦ୍ର ନାୟକ, ଫତେଗଡ଼ ବିଟ୍‌ର ଫରେଷ୍ଟ ଗାର୍ଡ ମଧୁସ୍ମିତା ଲେଙ୍କା, ବାଇଗୁଣିଆ ବିଟ୍‌ର ଫରେଷ୍ଟ ଗାର୍ଡ କିଶୁନ ସୋରେନ ଓ ମୋବାଇଲ ସ୍କ୍ୱାଡ୍ ସଦଳବଳ ମାରଡା ଗ୍ରାମରେ ଚଢ଼ାଉ କରି ଏକ ପଡିଆରୁ ୬ ସିପଟ ବଡ଼ ଶାଗୁଆନ ଲଗ ଜବତ କରି ଭାପୁର ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏ ନେଇ ଏକ ମିସ କେସ କରାଯାଇଥିବା ବନପାଳ ନାୟକ କହିଛନ୍ତି। ଏହି ଘଟଣାର ଅଧିକ ତଦନ୍ତ ଖଣ୍ଡପଡ଼ା ରେଞ୍ଜର କରିବେ ବୋଲି ବନପାଳ ସୂଚନା ଦେଇଛନ୍ତି। କେନ୍ଦୁପଲ୍ଲୀ ଗ୍ରାମର କେତେଜଣ ବ୍ୟକ୍ତି ନିଜର ନାମ ଗୋପନ ରଖି କହିଛନ୍ତି, ପଞ୍ଚାୟତର କେତେଜଣ ରାଜନେତା ଏହି ଶାଗୁଆନ ଲଗ ଚୋରି କରିବାରେ ସାମିଲ ଅଛନ୍ତି। ପ୍ରକୃତ ତଦନ୍ତ ହେଲେ ସତ୍ୟାସତ୍ୟ ପଦାକୁ ଆସିବ।

# ଡିଜିଙ୍କ ଦ୍ୱାରା ପିଟିଏସ୍ ପ୍ରିନ୍ସିପାଲ ସମ୍ବର୍ଦ୍ଧିତ



**ନୟାଗଡ଼,୧୪ (ଲୋକନାଥ ମିଶ୍ର)**

ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍)ର ଅଧକ୍ଷ ଭବେଶ କୁମାର ନାୟକ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜି) ୱାଇ. ବି ଖୁରାନିଆଙ୍କଠାରୁ ୯୧ତମ ପୋଲିସ ପ୍ରତିଷ୍ଠା ଦିବସରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ଅବସରରେ ଭବେଶଙ୍କୁ ଭୁବନେଶ୍ୱରର ପୋଲିସ ଭବନ ପରିସରରେ ଆୟୋଜିତ ପଦକ ପ୍ରଦାନ ସମାରୋହରେ ପଦକ ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ପିଟିଏସରେ ଉଲ୍ଲେଖନୀୟ କାର୍ଯ୍ୟ ଓ ସଫଳତା ପାଇଁ ଅଧକ୍ଷ ଭବେଶ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି।

# ୧୩ ଦିନିଆ ଦଣ୍ଡପର୍ବ ପାଇଁ ପାଣିତୋଳା ବିଧି ସମ୍ପନ୍ନ



**ଖଣ୍ଡପଡ଼ା,୧୪(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀକପିଳେଶ୍ୱର ଦେବ, ବେଣାଗାଡିଆ ପଞ୍ଚାୟତ ଅଧୀନ କାଦୁଆସ୍ଥିତ ପ୍ରଭୁ ଶ୍ରୀଗତିଶ୍ୱର ମହାଦେବ ଏବଂ ଖଣ୍ଡପଡାସ୍ଥିତ ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ୧୩ ଦିନିଆ ଦଣ୍ଡପର୍ବ ବୁଧବାର ମଧ୍ୟ ରାତ୍ରଠାରୁ ଆରମ୍ଭ ହୋଇଛି। ସେହିପରି କୁମ୍ଭାରପଡା ଗ୍ରାମସ୍ଥିତ ଲଡୁକେଶ୍ୱର ଦେବଙ୍କ ୧୭ ଦିନିଆ ଦଣ୍ଡ ଉତ୍ସବ ଗତ ରବିବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ମାନସିକଧାରୀମାନଙ୍କ ଦ୍ୱାରା ପାଣିତୋଳା ନୀତି ସମ୍ପନ୍ନ ହୋଇଯାଇଛି। ପରମ୍ପରାନୁଯାୟୀ ଏହି କାର୍ଯ୍ୟକ୍ରମ ନିମନ୍ତେ ଅପରାହ୍ନରେ ମାନସିକଧାରୀ ଦଣ୍ଡୁଆମାନେ ଏକତ୍ର ହୋଇ ନିକଟସ୍ଥ ମହାନଦୀ, ନୂଆପୋଖରୀ ଓ କୁସୁମୀ ଘାଟରେ ପୂଜାର୍ଚ୍ଚନା କରି ଦଣ୍ଡକାଳୀଙ୍କୁ ଆବାହନ କରିଥିଲେ। ହୋମଯଜ୍ଞ ଷୋଡଶ ଉପଚାର ସମ୍ପନ୍ନ ପରେ ମାନସିକଧାରୀମାନେ ଢୋଲ, ଝାଞ୍ଜ, ମହୁରୀ ବାଦ୍ୟ ଓ ହରିବୋଲ, ହୁଳହୁଳି ତଥା ଶଙ୍ଖ ଏବଂ କଳା ରୁଦ୍ରମଣି ଭଜେ, କାଶୀ ବିଶ୍ୱନାଥ ଧ୍ୱନୀରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଗ୍ରାମର ପ୍ରତ୍ୟେକ ଘର ସାମନାରେ ପୂର୍ଣ୍ଣକୁମ୍ଭ, ଧୂପ, ଦୀପ ସହିତ ବିଭିନ୍ନ ଭୋଗ ରଖାଯାଇଥିଲା। ଆସନ୍ତା ମହାବିଷୁବ ପଣା ସଂକ୍ରାନ୍ତିରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି ଜଣାପଡିଛି। ଉକ୍ତଦିନ ମାନସିକଧାରୀ ଦଣ୍ଡୁଆମାନେ ବାରହାତ ନିଆଁରେ ଝାମୁ ଚାଲିବା କାର୍ଯ୍ୟକ୍ରମ ରହିଥିବା କୁମ୍ଭାରପଡ଼ା ପାଟଦଣ୍ଡୁଆଙ୍କ ଠାରୁ ସୂଚନା ମିଳିଛି।

# ନ୍ୟାୟ ବ୍ୟବସ୍ଥାରେ ଉନ୍ନତି ପାଇଁ ପୋଲିସଙ୍କୁ ପରାମର୍ଶ

## ପୋଲିସ ପ୍ରତିଷ୍ଠା ଦିବସରେ ୧୯ ସମ୍ମାନିତ



**ନୟାଗଡ଼,୧୪(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ପୋଲିସ ପକ୍ଷରୁ ରିଜର୍ଭ ପୋଲିସ ପଡିଆରେ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନୟାଗଡ ଏସପି ଏସ୍. ସୁଶ୍ରୀ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଏସ୍‌ପି ନିଜ ବାର୍ତ୍ତା ପଢ଼ିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ଏସ୍‌ପି ନିଜ ବାର୍ତ୍ତାରେ କହିଥିଲେ, ଅପରାଧକୁ ରୋକିବା ଓ ଆଇନ ପରିଚାଳନା କରିବା ପୋଲିସର ମୁଖ୍ୟ କାର୍ଯ୍ୟ। ଆଗାମୀ ଭବିଷ୍ୟତରେ ଆମେ ଅଧିକ ତତ୍ପର ହେବା ଓ ଲୋକଙ୍କ ପାଇଁ ନ୍ୟାୟ ବ୍ୟବସ୍ଥାକୁ ଅଧିକ ଉନ୍ନତି କରିବା। ସାଧାରଣ ଲୋକମାନେ ସାହାଯ୍ୟ ପାଇଁ ଆମପାଖରେ ପହଞ୍ଚୁଛନ୍ତି ଆମେ ସେମାନଙ୍କ ନିକଟରେ ପହଞ୍ଚିବା। ଯଥାଶୀଘ୍ର ସେମାନଙ୍କୁ ସାହାଯ୍ୟ ଓ ସମର୍ଥନ କରିବାକୁ କହିଥିଲେ। ସେହିପରି ପୋଲିସ କର୍ମଚାରୀମାନେ ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ। ପୁଣି କହିଥିଲେ, ଆତ୍ମ ସଞ୍ଜମତା ବିକାଶ କରନ୍ତୁ ଓ ସଚୋଟତା ହୁଅନ୍ତୁ। ମାଓବାଦୀ ଦମନରେ ନୟାଗଡ଼ ଜିଲା ପୋଲିସର ସଫଳତା ଦର୍ଶାଇଥିଲେ। ମାଓବାଦୀ ଦମନ ଅଭିଯାନରେ ନୟାଗଡ଼ରେ ନିୟୋଜିତ ଏସ୍‌ଆଇ ଗୋପାଳ ଚନ୍ଦ୍ର ପ୍ରଧାନ, ହାବିଲଦାର ଚୈତନ୍ୟ ନାୟକ, ଦେବେନ୍ଦ୍ର ପଣ୍ଡା, କନେଷ୍ଟବଳ କାହ୍ନୁ ଚରଣ ପ୍ରଧାନ, ବିଶ୍ୱଜିତ୍ ବେହେରା, ପିଲୁ ମହାପାତ୍ର, ରଞ୍ଜିବ କୁମାର କହଁର, ହୃଷୀକେଶ ନାୟକ ପ୍ରମୁଖ ୮ଜଣଙ୍କୁ ୪ ହଜାର ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ସେହିଭଳି ଶ୍ରେଷ୍ଠ ଆଇଆଇସି ଭାବେ ଦଶପଲ୍ଲା ଥାନାର ବିନୟ ରଞ୍ଜନ ପରିଡା, ଶ୍ରେଷ୍ଠ ଇନ୍ସପେକ୍ଟର ଭାବେ ଓଡ଼ଗାଁ ଆଦର୍ଶ ଥାନାର ଚକ୍ରଧର ସିଂ, ଶ୍ରେଷ୍ଠ ସବଇନ୍ସପେକ୍ଟର ଭାବେ ନୟାଗଡ଼ ଆରୋର ପ୍ରତିମା ରାଉତ, ଶ୍ରେଷ୍ଠ ହାବିଲଦାର ଭାବେ ନୟାଗଡ଼ ଆରୋର ଦେବେନ୍ଦ୍ର ପଣ୍ଡା, ଶ୍ରେଷ୍ଠ ଏପିଆର କନେଷ୍ଟବଳ ଭାବେ ନୟାଗଡ଼ ଆରୋର ବିଭୂତି ଭୂଷଣ ପାଲ, ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଳ ଭାବେ ଅଶୋକ କୁମାର ଦୋରା, ଶ୍ରେଷ୍ଠ କନେଷ୍ଟବଳ ଭାବେ ନୟାଗଡ଼ ଡିପିଓର ନିରୁପମା ମହାପାତ୍ର, ଶ୍ରେଷ୍ଠ ଥାନା ଭାବେ ବାଣିଗୋଛା ଥାନାର ଇନ୍ସପେକ୍ଟର ଦିଲୀପ କୁମାର ଧଳ, ଶ୍ରେଷ୍ଠ ଆଇଓ ଭାବେ ବାଣିଗୋଛା ଥାନାର ସବ୍ ଇନ୍ସପେକ୍ଟର ବୀରେନ୍ଦ୍ର କୁମାର ଦେଉରୀ ଓ ସହକାରୀ ସବ୍‌ଇନ୍ସପେକ୍ଟର ପ୍ରଦୀପ କୁମାର ମହାପାତ୍ର, ଶ୍ରେଷ୍ଠ ରାଇଟର ଭାବେ ବାଣିଗୋଛା ଥାନାର ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ୧୧ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଅତିରିକ୍ତ ଏସ୍‌ପି ସୁବାସ ପଣ୍ଡା ମଞ୍ଚରେ ଉପସ୍ଥିତ ଥିବାବେଳେ ଅତିରିକ୍ତ ଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ, ବିଭିନ୍ନ ସର୍କଲର ଏସ୍‌ଡିପିଓ, ଡିଏସ୍‌ପି, ବିଭିନ୍ନ ଥାନାର ଆଇଆଇସି ଓ ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଯାଜପୁରର ସମୃଦ୍ଧ ଇତିହାସ ରହିଛି: ମନ୍ତ୍ରୀ


ଓଡ଼ିଶା ଦିବସରେ ମନ୍ତ୍ରୀ କୃଷ୍ଣପ୍ରସାଦ ମହାପାତ୍ର ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।


ଜିଲାସ୍ତରୀୟ ଓଡ଼ିଶା ଦିବସ, ଜିଲା ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

- ଓଡ଼ିଆ ଜାତୀୟ ଜାଗରଣର ନେତୃତ୍ୱ ନେଇଥିଲେ ବିଚିତ୍ରା ନନ୍ଦ ଦାସ
- ଜିଲାସ୍ତରୀୟ ଓଡ଼ିଶା ଦିବସ, ଜିଲା ପ୍ରତିଷ୍ଠା ଦିବସ

**ଯାଜପୁର,୧।୪ (ହର୍ଷବର୍ଦ୍ଧନ ବେହେରା):**

ମହାରାଜା ଯଯାତି କେଶରୀଙ୍କ ନାମରେ ନାମିତ ଯାଜପୁର ଜିଲାର ଏକ ସମୃଦ୍ଧ ଇତିହାସ ରହିଛି। ଯାଜପୁରର ଅନେକ ବିଦଗ୍ଧ କବି, ସନ୍ଥ, ସାହିତ୍ୟିକ ଓଡ଼ିଆ ବାଣୀ ଭଣ୍ଡାରକୁ ରୁଦ୍ଧିମନ୍ତ କରିଛନ୍ତି ଏବଂ ଉତ୍କଳୀୟ ସଂସ୍କୃତିକୁ ସମୃଦ୍ଧ କରିଛନ୍ତି। ଓଡ଼ିଆ ଜାତୀୟ ଜାଗରଣର ଅଗ୍ରଣୀ ନେତୃତ୍ୱ ବିଚିତ୍ରାନନ୍ଦ ଦାସଙ୍କ ଜନ୍ମଭୂମି ହେଉଛି ଯାଜପୁର। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଆଙ୍କ ପ୍ରମୁଖ ସ୍ୱର ସାଜିଥିବା 'ଉତ୍କଳ ଦୀପିକା'ର ପ୍ରକାଶନରେ ବିଚିତ୍ରାନନ୍ଦ ଦାସଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ବୁଧବାର ଯାଜପୁର ସଂସ୍କୃତି ଭବନରେ ଓଡ଼ିଶା ଦିବସ ଏବଂ ଯାଜପୁର ଜିଲା ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକଥା କହିଛନ୍ତି। ଏହାପୂର୍ବରୁ ମନ୍ତ୍ରୀ ଯାଜପୁର ସହରର ବିଭିନ୍ନ ସ୍ଥାନ ଗସ୍ତ କରି ମେଡିକାଲ କଲେଜ ଛକ, ଗାନ୍ଧୀ ଛକ ଏବଂ ଜିଲା ସ୍କୁଲରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପଛରେ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଓଡ଼ିଆ ଜାତିର ସଂସ୍କୃତି, ଐତିହ୍ୟ, ମହାନତା ସମ୍ପର୍କରେ ବକ୍ତବ୍ୟ ଦେବା ସହ ଉତ୍କଳ ଭଳି ମହାନ ରାଜ୍ୟ ଏ ଧରା ପୃଷ୍ଠରେ ନାହିଁ ବୋଲି ଶାସ୍ତ୍ର ଉକ୍ତିକୁ ଉଲ୍ଲେଖ କରିଥିଲେ। ଜିଲାପାଳ ଅମ୍ବର କୁମାର କର ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆଜି ୯୦ ବର୍ଷରେ ପଦାର୍ପଣ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ଓଡ଼ିଶୀ ନୃତ୍ୟ, ଓଡ଼ିଆ ଭାଷା ସାହିତ୍ୟ, ବିସ୍ତୃତ ବେଳାଭୂମି, ଖଣିଜ ସମ୍ପଦ, ଗୋପବନ୍ଧୁଙ୍କ ଭଳି ବରପୁତ୍ରଙ୍କ ଆଦର୍ଶକୁ ନେଇ ଆମର ଏକ ସ୍ୱତନ୍ତ୍ର ପରିଚୟ ଅଛି। ସେହି ପରିଚୟକୁ ଆମେ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଏବଂ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ଆବଶ୍ୟକ ବୋଲି ଜିଲାପାଳ ଆହ୍ୱାନ ଦେଇଥିଲେ। ମଞ୍ଚାସୀନ ଅତିଥିଭାବେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଏବଂ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଜିଲାର ଅଗ୍ରଣୀ କୃଷକ ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଭା ପରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନର ଅଧିକାରୀମାନେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ନିଗମା


@ ନିରାକାର


@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚିଙ୍ଗୁଡ଼ି ଘେରି ଭିତରକନିକା ପାଇଁ ବିପଦ

**ମୁଖ୍ୟମନ୍ତ୍ରୀଙ୍କୁ ଗହୀରମଥା କଇଁଛ, ହେନ୍ତାଳବଣ ସଂରକ୍ଷଣ ସମିତିର ଦାବିପତ୍ର**

**କେନ୍ଦ୍ରାପଡ଼ା, ୧।୪ (ଜଗନ୍ନାଥ ଧଳ)**


ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଜାତୀୟଉଦ୍ୟାନ ଭିତରକନିକା କେନ୍ଦ୍ରାପଡ଼ା ଜିଲା ପାଇଁ ପ୍ରକୃତିର ଏକ ଅନନ୍ୟ ଅବଦାନ। ଜୈବବିବିଧତା ଏହାର ମୁଖ୍ୟ ଆକର୍ଷଣ, ଦେଶୀ ବିଦେଶୀ ପକ୍ଷୀଙ୍କ ଭିଡ ସହିତ ବଉଳା କୁମ୍ଭୀର, ବିରଳ ଅଲିଭ୍‌ରିଡ୍‌ଲେଙ୍କ ଆଗମନ, ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ସମାହାର ଏଠାରେ ଦେଖିବାକୁ ମିଳେ। ମାତ୍ର ଏହାର ପ୍ରାକୃତିକ ପରିବେଶ ପ୍ରତି ଚିଙ୍ଗୁଡି ଘେରି ବିପଦ ସାଜିଛି। ଏହାର ଉଚ୍ଛେଦ ଜରୁରୀ ବୋଲି ଦାବି କରି ଗହୀରମଥା ଟର୍ଟଲ ପ୍ରୋଟେକ୍ସନ ଆଣ୍ଡ ମ୍ୟାନଗ୍ରୋଭ କଞ୍ଜରଭେଶନ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲାପାଳଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ସୋସାଇଟି ସଭାପତି ସତ୍ୟ ପ୍ରକାଶ ମହାନ୍ତି, ସମ୍ପାଦକ ହେମନ୍ତ କୁମାର ରାଉତ, ଉପସଭାପତି ଶ୍ରୀଧର କୁମାର ଭୋଳ, ଯୁଗ୍ମ ସମ୍ପାଦିକା ଅନସୂୟା ସାମଲ, ସୋମନାଥ ବାରିକ ପ୍ରମୁଖ କହିଛନ୍ତି, ଚିଙ୍ଗୁଡ଼ି ଯାଆଁଳଠାରୁ ବିକ୍ରି ମଧ୍ୟରେ ଘେରିରେ ବ୍ୟବହାର ପାଇଁ ନିଷିଦ୍ଧ ହୋଇଥିବା ୧୪ ପ୍ରକାର ଔଷଧ ପ୍ରୟୋଗ କରାଯାଉଛି। ଏହି ଜଳ ନିଷ୍କାସନ ସମୟରେ ନାଳ ମାଧ୍ୟମରେ ସମୁଦ୍ରରେ ମିଶୁଛି। ଫଳରେ ସାମୁଦ୍ରିକ ପ୍ରାଣୀଙ୍କ ଜୀବନ ହାନି ସହିତ ଭିତରକନିକାର ଜୈବ ବିବିଧତା ଉପରେ ପଡୁଛି। ଭିତରକନିକା ସଂରକ୍ଷିତ ଅଞ୍ଚଳର ଆଭ୍ୟନ୍ତରରେ ଏବେବି ପ୍ରାୟ ୨୦୦୦ ଏକରରେ ଚିଙ୍ଗୁଡ଼ି ଘେରି ରହିଛି। ଚିଙ୍ଗୁଡି ଚାଷ ପାଇଁ ଲୁଣି ଜଳ ଆବଶ୍ୟକ। ଏଥିପାଇଁ ସମୁଦ୍ର ଜଳକୁ ନାଳ ମାଧ୍ୟମରେ ଘେରି ପର୍ଯ୍ୟନ୍ତ ନିଆଯାଉଛି। ଏହି ଲୁଣି ଜଳ ମାଟିର ଉର୍ବରତା କମାଇବା ସହିତ ଚାଷ ଓ ବନ ଜମିକୁ ନଷ୍ଟ କରୁଛି। ବେଆଇନ ଘେରି ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଅଛି। ଜିଲା ପ୍ରଶାସନ ପକ୍ଷରୁ କେତେକ ସ୍ଥାନରେ ଏପରି ଘେରି ଭଙ୍ଗା ଯାଉଥିବାବେଳେ ବିରୋଧର ସମ୍ମୁଖୀନ ହେଉଛନ୍ତି। ମାତ୍ର ତାହା ଭିତରକନିକାର ଅସ୍ମିତା ରକ୍ଷାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚିଙ୍ଗୁଡି ଘେରିର ବର୍ଜ୍ୟ ଜଳ ହେନ୍ତାଳ ବନ ନଷ୍ଟ କରୁଥିବାରୁ ସାମୁଦ୍ରିକ ତଟକ୍ଷୟ ହେଉଛି। ଭିତରକନିକା ଜାତୀୟଉଦ୍ୟାନ ଏବେ କେବଳ ପର୍ଯ୍ୟଟନସ୍ଥଳରେ ସୀମିତ ନୁହେଁ। ତଟକ୍ଷୟ, ସାମୁଦ୍ରିକ ଝଡରୁ ହେନ୍ତାଳ ବନ ସୁରକ୍ଷା ଯୋଗାଉଛି। ବେଆଇନ ଚିଙ୍ଗୁଡି ଘେରି ଥିବାରୁ ଏହି ଜାତୀୟ ଉଦ୍ୟାନକୁ ୧୯୧୭ ମସିହାରେ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇ ପାରିଲା ନାହିଁ। ଭିତରକନିକା ଅଞ୍ଚଳରେ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦକୁ କଡାକଡି କରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେମାନେ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସୋସାଇଟିର ବହୁ ସଦସ୍ୟ ସାମିଲ ହୋଇଥିଲେ।

## ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ହେଲେ ଦୁର୍ଗା ପ୍ରସନ୍ନ

**ମହାକାଳପଡ଼ା, ୧।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ରାଜ୍ୟ ସରକାର ପ୍ରତି ଜିଲାର ଯୋଜନା ବୋର୍ଡ଼ ଅଧ୍ୟକ୍ଷଙ୍କ ନାମ ଘୋଷଣା କରିଛନ୍ତି। ଏଥିରେ କେନ୍ଦ୍ରାପଡ଼ା ଜିଲାର ଏକମାତ୍ର ଭାଜପା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କୁ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ପଦବୀ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ଖବର ଶୁଣିବା ପରେ ଜିଲା ତଥା ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବହୁସଂଖ୍ୟାରେ ଦଳୀୟ ସମର୍ଥକ ଜିଲାରେ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ବିଧାୟକ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭାଜପାର ତରୁଣକାନ୍ତ କାଞ୍ଜିଲାଲ, ଧନଞ୍ଜୟ ମିର୍ଦ୍ଧା, ଭବେନ ମଣ୍ଡ, ବଟିଘର ସମିତି ସଭ୍ୟ କ୍ରିଷ୍ଣପଦ ମଣ୍ଡଳ,



ଜୋନ୍ ସଭାପତି ତ୍ରିଲୋଚନ ରାଉତଙ୍କ ସମେତ ବହୁଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଦାୟିତ୍ୱ ନ୍ୟସ୍ତ ପରେ ଜିଲାର ତଥା ମହାକାଳପଡ଼ା ଅଞ୍ଚଳରେ ସ୍ୱତନ୍ତ୍ର ଭାବରେ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହେବ ବୋଲି ଦଳୀୟ କାର୍ଯ୍ୟକର୍ତ୍ତା ଆଶା ଓ ବିଶ୍ୱାସ ରହିଛି। ବିଭିନ୍ନ ପ୍ରକଳ୍ପ ତ୍ୱରାନ୍ୱିତ ହେବା ସହ ଅଧାପନ୍ତରିଆ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି।

## ଟ୍ରାକ୍ଟର ଧକ୍କାରେ ନାବାଳିକା ମୃତ

**ମାର୍ଶାଘାଇ, ୧।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )**

ମାର୍ଶାଘାଇ ଥାନା ଅନ୍ତର୍ଗତ ବେଲାର ନୂଆଗାଁ ଗ୍ରାମରେ ବୁଧବାର ସକାଳେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ସେହି ଗ୍ରାମର ଦୀପକ ସାମଲଙ୍କ ଝିଅ ସାୟନା(୯)। ସାୟନାଙ୍କ ଜେଜ ରମେଶ ସାମଲ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ନାତୁଣୀ ଟ୍ୟୁଶନରୁ ଘରକୁ ଫେରୁଥିବା ବେଳେ ଗ୍ରାମ ଶିବ ମନ୍ଦିର ନିକଟରେ ପଛରୁ ଆସୁଥିବା ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଥାନାକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସାୟନାଙ୍କୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରେକର୍ଡ ପଣ୍ୟ କାରବାର ସତ୍ତ୍ୱେ ୨ୟ ସ୍ଥାନକୁ ଖସିଲା ପାରାଦୀପ ବନ୍ଦର


ପାରାଦୀପ ବନ୍ଦର ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ କେକ୍ କାଟୁଛନ୍ତି।

**ପାରାଦୀପ,୧।୪(ଶରତ ରାଉତ)**

ପାରାଦୀପ ବନ୍ଦର ପ୍ରାଧିକରଣ(ପିପିଏ) ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରେକର୍ଡ ୧୫୬.୪୫ ମିଲିୟନ ମେଟ୍ରିକ ଟନ୍ (ଏମ୍ଏମ୍‌ଟି) ପଣ୍ୟ କାରବାର କରିଛି। ପୂର୍ବ ବର୍ଷ ତୁଳନାରେ ଏହା ଅଧିକ ହୋଇଥିଲେ ହେଁ ପିପିଏ ଦେଶର ନମ୍ବର ୧ ତାଲିକାରୁ ଖସି ଦ୍ୱିତୀୟରେ ପହଞ୍ଚିଛି। ୨୦୨୫-୨୬ ଆର୍ଥିକ ବର୍ଷ ଶେଷ(ମାର୍ଚ୍ଚ ୩୧)ସୁଦ୍ଧା ଗୁଜରାଟର କାଣ୍ଡଲା ବନ୍ଦର ୧୬୦ ଏମ୍ଏମ୍‌ଟି ପଣ୍ୟ କାରବାର କରି ଦେଶର ବୃହତ୍ ବନ୍ଦର କ୍ଷେତ୍ରରେ ପ୍ରଥମ ସ୍ଥାନ ପାଇଛି।

ପାରାଦୀପ ବନ୍ଦର ପଣ୍ୟ କାରବାର ସମ୍ପର୍କରେ ବୁଧବାର ପ୍ରଶାସନିକ ଭବନର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ସୂଚନା ଦେଇଥିଲେ। ସେ କହିଥିଲେ, ଗତ ଆର୍ଥିକ ବର୍ଷରେ ପିପିଏ ୧୫୦.୪୧ ଏମ୍ଏମ୍‌ଟି ପଣ୍ୟ କାରବାର କରି ଦେଶର ପ୍ରଥମ ସ୍ଥାନରେ ରହିଥିଲା। ଚଳିତବର୍ଷ ପୂର୍ବବର୍ଷ ଠାରୁ ପଣ୍ୟ କାରବାର (୧୫୬.୪୫) ଅଧିକ କରିଛି। ଏହା ପୂର୍ବ ଭାରତ ବନ୍ଦର ମଧ୍ୟରେ ପ୍ରଥମ ସ୍ଥାନ ପାଇଛି ବୋଲି ଅଧ୍ୟକ୍ଷ ହାରାନ୍ଧ କହିଥିଲେ। ପୂର୍ବ ବର୍ଷ ତୁଳନାରେ ପିପିଏରେ ପଣ୍ୟ କାରବାର ୪.୦୧ ପ୍ରତିଶତ ଅଭିବୃଦ୍ଧି ହୋଇଛି। ଚଳିତବର୍ଷ ଆହ୍ୱାନଭରା ସ୍ଥିତି, ଲୁହାପଥର ରପ୍ତାନି ଚାହିଦା ହ୍ରାସ, ପଶ୍ଚିମ ଏସିଆ ସଙ୍କଟ ଯୋଗୁ ଚୂନପଥର ଓ ସାର କଞ୍ଚାମାଲ ଆମଦାନୀ କ୍ଷେତ୍ରରେ ପ୍ରଭାବ ପଡ଼ିଛି। ଏହାସତ୍ତ୍ୱେ ପିପିଏ ବର୍ଥ ହିସାବରେ ପ୍ରତିଦିନ ୩୫,୦୫୯ ମେଟ୍ରିକ୍ ଟନ ପଣ୍ୟ କାରବାର କରିଛି। ବାର୍ଷିକ ଆୟ କ୍ଷେତ୍ରରେ ଟିକସ ବାଦ୍ ୨ ହଜାର କୋଟି ଟଙ୍କା ଅତିକ୍ରମ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ୱେଷ୍ଟର୍ନ ଡକ୍ ସମ୍ପ୍ରସାରଣ, ସବୁଜ ହାଇଡ୍ରୋଜେନ ପ୍ରକଳ୍ପ, କେନ୍ଦ୍ରାପଡାରେ ଜାହାଜ ମରାମତି କାରଖାନା, ଗଞ୍ଜାମ ଜିଲ୍ଲା ବାହୁଦା ବନ୍ଦର ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ବନ୍ଦର ଉପାଧ୍ୟକ୍ଷ ଟି. ଭେନୁଗୋପାଳ ଓ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ପଣ୍ୟ କାରବାର ସଫଳତା ଉପଲକ୍ଷେ ବନ୍ଦର ଅଧ୍ୟକ୍ଷ ହାରାନ୍ଧ କେକ୍ କାଟି ସମସ୍ତଙ୍କୁ ବାଣ୍ଟିଥିଲେ।

# ମହାମନୀଷୀଙ୍କ ସଂଘର୍ଷରେ ଗଠନ ହୋଇଥିଲା ଓଡ଼ିଶା ପ୍ରଦେଶ

**ଓଡ଼ିଶା ରାଜ୍ୟ, କେନ୍ଦ୍ରାପଡ଼ା ଜିଲା ପ୍ରତିଷ୍ଠା ଦିବସ**

**କେନ୍ଦ୍ରାପଡ଼ା, ୧।୪ (ଜଗନ୍ନାଥ ଧଳ)**


ମନ୍ତ୍ରୀ ସମ୍ପଦ ସ୍ୱାଇଁ ଜିଲା ପ୍ରତିଷ୍ଠା ଦିବସକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

୧୯୩୬, ଏପ୍ରିଲ ୧ରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ପ୍ରତିଷ୍ଠା ପାଇବା ଏକ ଅକସ୍ମାତ ଘଟଣା ନ ଥିଲା। ଏହା ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଥିତଯଶା ସାହିତ୍ୟ ସାଧକ ତଥା ରାଷ୍ଟ୍ରପ୍ରାଣ ସମର୍ପିତ ବ୍ୟକ୍ତିଙ୍କ ସୁଚିନ୍ତିତ ଓ ଦୃଢ଼ ପ୍ରୟାସର ସଫଳ ରୂପାୟନ ବୋଲି ୯୧ତମ ଓଡ଼ିଶା ଦିବସ ପାଳନ ସଭାରେ ଅତିଥିମାନେ ବୁଧବାର ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ସହର ନିକଟ ଉଦୟ ନଗରସ୍ଥ ସଂସ୍କୃତି ଭବନଠାରେ ଓଡ଼ିଶା ରାଜ୍ୟ ଓ କେନ୍ଦ୍ରାପଡ଼ା ଜିଲା ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ସୁକାନ୍ତ କୁମାର ପ୍ରଧାନଙ୍କ ସଞ୍ଚାଳନାରେ ଆୟୋଜିତ ଏହି ସଭାରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଜିଲାପାଳ ରଘୁରାମ ଆର. ଆୟାର, ପୌରାଧ୍ୟକ୍ଷା ସରିତା ସାହୁ, ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକ, ଏଡିଏମ୍ ନବକ୍ରିଷ୍ଣ ଜେନା, ଉପଜିଲାପାଳ ଅରୁଣ କୁମାର ନାୟକ, ଗବେଷକ ନିରଞ୍ଜନ ମେକାପ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଶା ରାଜ୍ୟ ଓ କେନ୍ଦ୍ରାପଡ଼ା ଜିଲା ପ୍ରତିଷ୍ଠା ସମ୍ପର୍କରେ ମତ ରଖିଥିଲେ। ସେମାନେ କହିଥିଲେ, ଆଧୁନିକ ଓଡ଼ିଶାର ମୂର୍ତ୍ତିକାର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ବହୁ ବନ୍ଦନୀୟ ନେତୃତ୍ୱଙ୍କ ଚେଷ୍ଟାରୁ ଓଡ଼ିଆ ଭାଷାର ସୁରକ୍ଷା ମିଳିପାରିଛି। ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନ ପରେ ଆର୍ଥିକ ଅଭିବୃଦ୍ଧି ସହ ସାମାଜିକ ପ୍ରଗତିକୁ ତ୍ୱରାନ୍ୱିତ କରାଯାଇପାରିଛି। ସେହିପରି ତୃଣମୂଳସ୍ତରରେ ଉନ୍ନୟନ କାର୍ଯ୍ୟ ଓ ମହିଳା ସଶକ୍ତୀକରଣ ଜିଲା ପ୍ରତିଷ୍ଠା ଦ୍ୱାରା ସମ୍ଭବ ହୋଇଛି। ବର୍ତ୍ତମାନ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହେଉଛି। ଏଥିରେ ସମସ୍ତ ତଥ୍ୟ ଉପସ୍ଥାପନ କରିବାକୁ ସେମାନେ ମତ ରଖିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ରେ ପ୍ରଶଂସିତ ହୋଇଥିବା ଓମ୍‌ପ୍ରକାଶ ରଥଙ୍କ ସମେତ ବିଭିନ୍ନ ବିଭାଗ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଏପ୍ରିଲ ୧୪ ପର୍ଯ୍ୟନ୍ତ ହେବାକୁ ଥିବା ଓଡ଼ିଆ ପକ୍ଷର ଲୋଗୋକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ସମ୍ମିଳନୀରେ ବହୁ ସଂଖ୍ୟକ ଲୋକ ସାମିଲ ହୋଇଥିଲେ।

# ପୂର୍ଣ୍ଣାଙ୍ଗ ଜିଲ୍ଲାର ମାନ୍ୟତା ପାଇପାରୁନି ନୟାଗଡ଼

ନୟାଗଡ଼,୧।୪(ଲୋକନାଥ ମିଶ୍ର)

- ଜିଲ୍ଲା ପ୍ରତିଷ୍ଠାକୁ ୩୩ ବର୍ଷ
- ରଣପୁର ବ୍ଲକରେ ଚାଲିଛି ଦ୍ୱୈତ ଶାସନ

ଏପ୍ରିଲ ୨ ତାରିଖକୁ ନୟାଗଡ଼ ଜିଲ୍ଲା ଗଠନର ୩୩ ବର୍ଷ ପୂରୁଛି। ଜିଲ୍ଲାର କଳେବର ବଢ଼ିଛି। ତେବେ ଜିଲ୍ଲା ସଦର ମହକୁମାର ରୂପରେଖ ବଦଳି ପାରୁନାହିଁ। ପ୍ରାକୃତିକ ସମ୍ପଦର ସୁବିନିଯୋଗ ହୋଇପାରୁନି। ରଣପୁର ବ୍ଲକ ଦ୍ୱୈତ ଶାସନରେ ଚାଲିଛି। ସାମଗ୍ରୀକ ବିକାଶକୁ ଗୁରୁତ୍ୱ ଦିଆଯାଉ ନ ଥିବାର ଅଭିଯୋଗ ଉଠିଛି। ପୁରୀରୁ ପୃଥକ୍ ହେବା ପରେ ନୟାଗଡ଼ ଜିଲ୍ଲା ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚିଥିଲେ ହେଁ ପୂର୍ଣ୍ଣାଙ୍ଗ ଜିଲ୍ଲାର ମାନ୍ୟତା ମିଳୁନି। ଜିଲ୍ଲା ଗଠନ ପରଠାରୁ ନୟାଗଡ଼ ରାଜସ୍ୱ ସବ୍‌ଡିଭିଜନରେ ବିକାଶ ଅଟକି ରହିଛି। ଦଶପଲ୍ଲା, ରଣପୁର ଓ ଖଣ୍ଡପଡ଼ାରେ ରାଜସ୍ୱ ସବ୍‌ଡିଭିଜନ କାର୍ଯ୍ୟାଳୟ ଖୋଲିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଅଣଦେଖା ହୋଇ ରହିଯାଇଛି। ଗୋଡିପଡ଼ାରେ ବ୍ଲକ ଓ ତହସିଲ, ଶରଣକୁଳ, କଣ୍ଟିଲୋ ଓ ରାଜସୁନାଖଳାରେ ଏନ୍‌ଏସି ସ୍ଥାପନ କରିବାକୁ ବହୁଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ଏବେ ପୁଣି ବାହାଡାଖୋଲା, ଦର୍ପନାରାୟଣପୁରରେ ବ୍ଲକ ଗଠନ ଦାବି ଉଠିଲାଣି।

ରଣପୁର ବ୍ଲକ ନୟାଗଡ଼ରେ ରହିଥିବାବେଳେ ରଣପୁର ରେଞ୍ଜ ଖୋର୍ଦ୍ଧା ବନଖଣ୍ଡରେ ରହିଛି। ଟେଲିଫୋନ କ୍ଷେତ୍ରରେ ମଧ୍ୟ ରଣପୁର ଖୋର୍ଦ୍ଧା ଏସ୍‌ଡିଓଙ୍କ ଅଧୀନରେ କାର୍ଯ୍ୟ କରୁଛି। ସେହିଭଳି ରଣପୁରର ସୋସାଇଟ୍‌ଗୁଡିକ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି। ପୁଣି ରଣପୁରର କେତେଗୋଟି ଗାଁ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବିଦ୍ୟୁତ୍ ଡିଭିଜନରେ ରହିଛି। ନୟାଗଡ଼ରେ ଜନସ୍ୱାସ୍ଥ୍ୟ ଡିଭିଜନ ହୋଇ ନ ଥିବାରୁ ସବ୍‌ଡିଭିଜନ ହୋଇ ଭୁବନେଶ୍ୱର ଅଧୀନରେ କାମ କରୁଛି। ଜିଲ୍ଲା ସଦର ମହୁକମା ପ୍ଲାନିଂ ଅନୁସାରେ ହୋଇ ନ ଥିବାରୁ ନବକଳେବରର ଆବଶ୍ୟକତା ଥିଲେ ହେଁ କରାଯାଉନି। ଅନ୍ୟପକ୍ଷେ ସବ୍‌ଡିଭିଜନ ହସ୍ପିଟାଲ ଥିବାବେଳେ ଭଲ ସେବା ମିଳୁଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ହେବା ପରେ ଡାକ୍ତର ଅଭାବ ଦୂର ହୋଇପାରୁନି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିନା ହାତଗୁଞ୍ଜାରେ ଚିକିତ୍ସା ସେବା ମିଳୁ ନ ଥିବା ଅଭିଯୋଗ ହୋଇଆସୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେଫରାଲ ହସ୍ପିଟାଲରେ ପରିଣତ ହୋଇଛି। ସେହିଭଳି କିଡନି, ହାର୍ଟ, ବ୍ରେନ, ଲିଭର ଭଳି ରୋଗ ପାଇଁ ଡାକ୍ତରଙ୍କ ନିଯୁକ୍ତି ମିଳୁନାହିଁ। ପୁଣି ନୟାଗଡ଼ରେ ମେଡିକାଲ କଲେଜ ହୋଇପାରୁ ନ ଥିବାବେଳେ ନୟାଗଡ଼ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳୁନି। ମହାନଦୀ, ବୃତଙ୍ଗ, କୁସୁମୀ, କୁଆଁରିଆଁ, ଦୁଆଣ୍ଟ, କମେଇ ପରୀ ଅନେକ ଛୋଟ ବଡ଼ ନଦୀ ଥାଇ ବି ଜିଲ୍ଲାରେ ପାନୀୟଜଳ ଓ ଜଳସେଚନ ବ୍ୟବସ୍ଥା ବାଟବଣା। ଏଠାର ଚାଷୀ ଚାଷ ପାଇଁ ବର୍ଷା ଉପରେ ନିର୍ଭରଶୀଳ। ଚିନିଶିଳ୍ପରେ ତାଲା ପଡିବା ଓ ପରେ ଚିନିକଳରୁ ଚୋରି ପରେ ଶିଳ୍ପ ତାଲିକାରୁ ନୟାଗଡ଼ର ନାଁ ଲିଭିଗଲା। ନୂଆ ଚିନିକଳ ସ୍ୱପ୍ନ ଦେଖା ଯାଉଥିଲେ ହେଁ ଏହା ହୋଇପାରୁନାହିଁ। ଚିନିକଳ ବନ୍ଦ ଯୋଗୁ ଜିଲ୍ଲାର ଆଖୁଚାଷ କମିଗଲା। ଚାଷୀର ଚାଷ ପ୍ରତି ବିତସ୍ପୃହ ହୋଇ ଚାଷ ଛାଡି ଦାଦନ ଯାଉଛି। ଚାଷୀଙ୍କ ପାଇଁ ଶୀତଳଭଣ୍ଡାର ନାହିଁ। ଗ୍ରୀଷ୍ମଋତୁରେ ପାନୀୟଜଳ ସଙ୍କଟକୁ ଦୂର ହୋଇପାରୁନି। ମହାନଦୀରୁ ପାଣି ଘରକୁ ଘର ଆସିବା ପାଇଁ ୧୦୦ କୋଟି ଖର୍ଚ୍ଚ ପରେ ବି ସ୍ୱପ୍ନ ହୋଇ ରହିଗଲା। ଲଘୁଖଣିଜ ସମ୍ପଦ ଅନୁମତି ନ ଥାଇ ଲୁଟ ଚାଲିଛି। ଚୋରାକାଠ ବ୍ୟବସାୟୀ ଓ ଶିକାରୀଙ୍କ ଉତ୍ପାତ ବଢ଼ିଛି। ବ୍ରାଉନସୁଗାର, ମଦ ଓ କଫ ସିରଫର କାରବାର ବେଧଡକ ଭାବେ ଚାଲିଛି। ଗୋଚାଲାଣ ଉପରେ ଲଗାମ ନାହିଁ। ଥାନା ଫାଣ୍ଡିରୁ ଲୋକ ନ୍ୟାୟ ପାଉ ନ ଥିବା ଅଭିଯୋଗ ହୋଇଆସୁଛି।

ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ସାଧାରଣ ଲୋକଙ୍କ ବିକାଶଧାରକୁ ତ୍ୱରାନ୍ୱିତ ପାଇଁ ବଡ଼ ବଡ଼ ଜିଲ୍ଲାକୁ ଭାଗ କରି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଗଠନ କରିଥିଲେ ୧୩ରୁ ୩୦ ଜିଲ୍ଲା। ୧୯୯୩ ଏପ୍ରିଲ ୨ରେ ନୟାଗଡ଼ ଜିଲ୍ଲା ଗଠନ ପରେ ବିକାଶର ଦ୍ୱାହି ଦେଇ ଜିଲ୍ଲା ଉନ୍ନୟନ ପଥରେ ଆଗେଇ ଚାଲିଛି ବୋଲି ଡିଣ୍ଡିମ ଓ ଭାଷଣବାଜି ଚାଲିଛି। ହେଲେ ଜିଲ୍ଲାର ସମସ୍ୟା ଓ ନୂଆ କରିବାର ଚିନ୍ତାଧାରାକୁ ଅଣଦେଖା କରାଯାଉଛି। ବିଭିନ୍ନ ଭାସଣବାଜି ମାରି ଶାସନକୁ ଆସୁଥିବା ନେତା ଜିଲ୍ଲା ବିକାଶ ପାଇଁ କାର୍ଯ୍ୟକରିବା ଉଚିତ ବୋଲି ମତ ପ୍ରକାଶ ପାଇଛି। ଏ ନେଇ ସାମଜିକ କର୍ମୀ ପ୍ରମୋଦ ପଟ୍ଟନାୟକ କହିଛନ୍ତି, ଜିଲ୍ଲା ଗଠନର ସୁଫଳ ମିଳିଛି ହେଲେ ବିକାଶ ଭାସଣବାଜିରେ ସୀମିତ। ସାମଗ୍ରୀକ ବିକାଶକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ପୂର୍ଣ୍ଣାଙ୍ଗ ଜିଲ୍ଲା ହୋଇପାରୁନି। ବରିଷ୍ଠ ପାଲାଗାୟକ ମନୋଜ ମିଶ୍ର, ଆଇନଜୀବୀ ରଣଜିତ ଦାଶ କହିଛନ୍ତି, ଜିଲ୍ଲା ପାଇଁ ବୃତଙ୍ଗ ଜଳସେଚନ, ପ୍ରତି ସହର ଓ ଗାଁରେ ପାନୀୟଜଳର ସୁବିଧା, ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ, ମେଡିକାଲ କଲେଜ ସ୍ଥାପନ, ବିଶ୍ୱ ବିଦ୍ୟାଳୟ ସ୍ଥାପନ, ତାଳଚେର ଗୋପାଳପୁର ରେଳ ଲାଇନ ନିର୍ମାଣ ପରି ଦାବିକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକତା ରହିଥିଲେ ହେଁ ଅଣଦେଖା କରାଯାଉଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ କହିଛନ୍ତି, ବନ ବିଭାଗ, ସମବାୟ ବିଭାଗ, ଟେଲିଫୋନ, ବିଦ୍ୟୁତ୍ ପରି ଅନେକ ବିଭାଗ ଖୋର୍ଦ୍ଧା ଜିଲ୍ଲାରେ ରହିଥିବାରୁ ବିଭିନ୍ନ ସମୟରେ ଅସୁବିଧା ହେଉଛି। ଖୋର୍ଦ୍ଧାରେ ଥିବା ବିଭିନ୍ନ କାର୍ଯ୍ୟାଳୟକୁ ନୟାଗଡ଼ ଜିଲ୍ଲାକୁ ସ୍ଥାନାନ୍ତର କରିବା ପାଇଁ ବିଭିନ୍ନ ସମୟରେ ଜିଲ୍ଲା ପରିଷଦ ବୈଠକରେ ଗୃହିତ ହୋଇଛି। ସରକାର ଏଥିପ୍ରତି ପ୍ରାଧାନ୍ୟ ଦେବା ଦରକାର ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ନିଗମା



@ ନିରାକାର



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୀରାୟୁଧ ବଧ, ବେଢ଼ା ପରିକ୍ରମା



ରାମ, ଲକ୍ଷ୍ମଣ ବୀରାୟୁଧଙ୍କୁ ବଧ କରୁଛନ୍ତି।

## ଦଶପଲ୍ଲାର ଲଙ୍କାପୋଡ଼ି ଯାତ୍ରାର ଷଷ୍ଠ ଦିବସ

ଦଶପଲ୍ଲା, ୧।୪ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ମହାବୀର କ୍ଷେତ୍ରରେ ଚାଲିଥିବା ଭାରତ ପ୍ରସିଦ୍ଧ, ସର୍ବ ପୁରାତନ ମୁକ୍ତାକାଶ ରଙ୍ଗମଞ୍ଚ ଐତିହାସିକ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ଷଷ୍ଠ ଦିବସ ପୂର୍ବାହ୍ନରେ ପ୍ରଭୁ ଶ୍ରୀଶ୍ରୀରଘୁନାଥ ଜୀଉ ଏବଂ ମହାବୀର ଦେବଙ୍କ ମନ୍ଦିର ପରିସରରେ, ଅରଣ୍ୟକାଣ୍ଡର ଅୟମାରମ୍ଭ ସହିତ ପଞ୍ଚବଟି ଅବସ୍ଥାନ, ବୀରାୟୁଧ ବଧ, ବନ ଭ୍ରମଣ ଓ ବେଢା ପରିକ୍ରମା ନୀତି ପାରମ୍ପାରିକ ରୀତିନୀତି ଅନୁଯାୟୀ, ସ୍ୱତନ୍ତ୍ରୀୟ ବୈଦିକ ବ୍ରାହ୍ମଣ ଓ ସେବାୟତମାନଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥିଲା। ରାତ୍ରରେ ମନ୍ଦିର ସମ୍ମୁଖସ୍ଥ ମୁଖ୍ୟ ମଞ୍ଚରେ ନିଷ୍ଠା, କାଷ୍ଠାରେ ରହିଥିବା ବ୍ରତଧାରୀ କଳାକାର ମାନଙ୍କ ଦ୍ୱାରା ରାମଲୀଳା ପରିବେଷଣ କରାଯାଇଥିଲା। ପଞ୍ଚବଟି ପ୍ରବେଶ, ବନ ଭ୍ରମଣ, ଅଗସ୍ତି ମୁନୀ ଆଶ୍ରମରେ ପ୍ରଭୁ ରାମଚନ୍ଦ୍ର ଅଗସ୍ତି ମୁନୀଙ୍କୁ ଦର୍ଶନ କରିବା ସହ ଅଗସ୍ତି ମୁନୀ ପ୍ରଭୁ ଶ୍ରୀରାମଙ୍କୁ ବ୍ରହ୍ମାସ୍ତ୍ର ଓ ଅକ୍ଷୟ ତୁଣୀର ପ୍ରଦାନ କରନ୍ତି। ମୁନିପତ୍ନୀ ଅନୁସୂୟା ମା' ସୀତାଙ୍କୁ ଅମ୍ଳାନ ବସ୍ତ୍ର ପ୍ରଦାନ କରନ୍ତି। ପରେ ପଞ୍ଚବଟିରେ ବୀରାୟୁଧ ବଧ ନିଳାଭିନୟ ନୀତି ଓ ପରମ୍ପରା ସହିତ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଅନ୍ୟତମ ବିଶିଷ୍ଟ ଭକ୍ତକବି ବିକ୍ରମ ନରେନ୍ଦ୍ରଙ୍କ ରଚିତ ରାମଲୀଳା ପୋଥିଗୀତ ସାଙ୍ଗକୁ କେଇହଳ ଗିନି ଓ ପାରମ୍ପାରିକ ବାଦ୍ୟଯନ୍ତ୍ର ସାହାଯ୍ୟରେ ଏହି ଅଢେଇପାଦିଆ ନିଳାଭିନୟ ଅନୁଷ୍ଠିତ ହୋଇଥାଏ। ଯାହାକି ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେନାହିଁ। ଏହି ନୀଳାଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ମନମୁଗ୍ଧକର ହୋଇଥିଲା। ମନ୍ଦିର ସମ୍ମୁଖରେ ନିର୍ମିତ ହୋଇଥିବା ଛାୟା ମଣ୍ଡପ ତଳେ ମଧ୍ୟ ରାତ୍ର ପର୍ଯ୍ୟନ୍ତ ବହୁଲୋକଙ୍କ ସମାଗମ ହୋଇ ଏହି ଦୃଶ୍ୟ ଉପଭୋଗ କରିଥିଲେ।

# ଖଣ୍ଡପଡ଼ା ବିଧାୟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ

ନୟାଗଡ,୧।୪
(ଲୋକନାଥ ମିଶ୍ର)



ଦୁଷ୍ମନ୍ତ କୁମାର ସ୍ୱାଇଁ

ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ରୂପେ ମନୋନୀତ ହୋଇଛନ୍ତି। ଜିଲ୍ଲାରେ ନୟାଗଡ଼, ଖଣ୍ଡପଡ଼ା, ରଣପୁର ଓ ଦଶପଲ୍ଲା ଆଦି ୪ ନିର୍ବାଚନମଣ୍ଡଳୀ ରହିଛି। ୪ଟି ନିର୍ବାଚନମଣ୍ଡଳୀରୁ ରଣପୁର, ଖଣ୍ଡପଡ଼ାରେ ଭାଜପା ବିଧାୟକ ଓ ନୟାଗଡ, ଦଶପଲ୍ଲାରେ ବିଜେଡି ବିଧାୟକ ଅଛନ୍ତି। ୨ ଭାଜପା ବିଧାୟକଙ୍କ ମଧ୍ୟରୁ ରଣପୁର ବିଧାୟକ ସୁରମା ପାଢ଼ୀ ବାଚସ୍ପତି ଅଛନ୍ତି। ରାଜ୍ୟ ସରକାର ଦୁଷ୍ମନ୍ତଙ୍କୁ ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ରୂପେ ନିଯୁକ୍ତି ଦେଇଛନ୍ତି।

# ଖଣ୍ଡପଡ଼ା ସହରରେ ଡିଜିଟାଲ ପଦ୍ଧତିରେ ଗୃହ ଗଣନାର ଶୁଭାରମ୍ଭ

ଖଣ୍ଡପଡ଼ା, ୧।୪
(ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ଼ ଜିଲ୍ଲାରେ ବୁଧବାରଠାରୁ ଡିଜିଟାଲ ଉପାୟରେ ଗୃହ ଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଗୃହ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସହରାଞ୍ଚଳ ଜନଗଣନା ଅଧିକାରୀ ଅଭିଷେକ ମିଶ୍ର, ଅତିରିକ୍ତ ଜନଗଣନା ଅଧିକାରୀ ଦେବବ୍ରତ ମିଶ୍ର, ବରିଷ୍ଠ କର୍ମଚାରୀ ଲାଲ ମୋହନ ପଟ୍ଟନାୟକ, ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଅଧିକାରୀମାନେ ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜଙ୍କ ସମେତ ସହରାଞ୍ଚଳର ଜନସାଧାରଣଙ୍କୁ ଭେଟି ଏ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଥିବା ଜଣାଯାଇଛି। ସରକାରଙ୍କ ନିଷ୍ପତ୍ତିକ୍ରମେ ଜନଗଣନା-୨୦୨୭ ଆରମ୍ଭ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ୧ ରୁ ୧୫ ତାରିଖ ମଧ୍ୟରେ ଅନ୍‌ଲାଇନ ପୋର୍ଟାଲ ଜରିଆରେ ସ୍ୱ-ଗଣନା କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ଡିଜିଟାଲ ଉପାୟରେ ଉପଲବ୍ଧ ସରକାରୀ ୱେବ ସାଇଟ ଜରିଆରେ ସମସ୍ତେ ନିଜ ନିଜର ଠିକ ତଥ୍ୟ ଦେଇ ନାମ ପଞ୍ଜୀକରଣ କରିବାକୁ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ସହରବାସୀଙ୍କୁ ନିବେଦନ କରିଛନ୍ତି।

# ପରିତ୍ୟକ୍ତ କୂଅରୁ ହାତିଛୁଆ ଉଦ୍ଧାର



ନୟାଗଡ଼/ରଣପୁର,୧।୪ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜର ପାଇକଭୂଇଁ ଗାଁରେ ଏକ ପରିତ୍ୟକ୍ତ କୂଅରୁ ଛୁଆ ହାତୀକୁ ବୁଧବାର ଉଦ୍ଧାର କରାଯାଇଛି। ସ୍ଥାନୀୟ ଗ୍ରାମବାସୀ ବନ ବିଭାଗ ଓ ପୋଲିସ ସହାୟତାରେ ହାତିଟିକୁ କୂଅରୁ ଉଦ୍ଧାର କରାଯାଇଛି। ନିକଟସ୍ଥ ନାଗଝର ଜଙ୍ଗଲରେ ଏକ ୧୬ ଟିକିଆ ହାତୀପଲ କିଛିଦିନ ହେବ ଘୂରି ବୁଲୁଛନ୍ତି। ଏଥିରେ ୨ରୁ ୩ଟି ଛୁଆ ହାତୀ ରହିଥିବା ଜଣାପଡୁଛି। ମଙ୍ଗଳବାର ରାତିରେ ନାଗଝର ଜଙ୍ଗଲ ପାଖାପାଖି ଅଞ୍ଚଳରେ ଥିବା ପାଇକଭୂଇଁ ଗାଁର ଏକ ପରିତ୍ୟକ୍ତ କୂଅରେ ହାତି ଛୁଆଟି ପଡି ଯାଇଥିଲା। ଗ୍ରାମବାସୀ ବୁଧବାର ଜାଣିବା ପରେ ସ୍ଥାନୀୟ ବନବିଭାଗ ଓ ପୋଲିସକୁ ଖବର ଦେଇଥିଲେ।

# ଦଶପଲ୍ଲାରେ ଓଡ଼ିଶା ଦିବସ

ଦଶପଲ୍ଲା, ୧।୪( ପ୍ରକାଶ କୁମାର ପାଣି)

ଦଶପଲ୍ଲାର ବିଭିନ୍ନସ୍ଥାନରେ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଏବଂ ଅନୁଷ୍ଠାନରେ ଓଡ଼ିଶା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଦଶପଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଇଲେଭେନ ଷ୍ଟାର ସ୍ପୋର୍ଟି କ୍ଲବଠାରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଏଥିରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶରତ ବେହେରା, କୃଷ୍ଣଚନ୍ଦ୍ର ଦାଶ, ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ର ମିଶ୍ର, ଶିକ୍ଷାବିତ ଗୋପୀନାଥ ସାହୁ , ବିରଞ୍ଚି ନାରାୟଣ କର, ପ୍ରଫୁଲ୍ଲ କୁମାର ମିଶ୍ର, ଲକ୍ଷ୍ମୀଧର ବେହେରା ପ୍ରମୁଖ ଓଡ଼ିଶା ଦିବସ ଉପରେ ମତ ରଖିଥିଷଲ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ।

# ରାମ, ଲକ୍ଷ୍ମଣ, ସୀତାଙ୍କ ବନବାସ

## ଓଡ଼ଗାଁ ଶ୍ରୀରଘୁନାଥ ଜୀଉ ମନ୍ଦିରରେ ଶ୍ରୀରାମ ନବମୀ ଯାତ୍ରାର ୬ଷ୍ଠ ସନ୍ଧ୍ୟା

ଓଡ଼ଗାଁ,୧।୪(ନାରାୟଣ ପାଣିଗ୍ରାହୀ)



ଓଡ଼ଗାଁରେ ଶ୍ରୀ ରଘୁନାଥ ଜୀଉଙ୍କ ବନବାସ ବେଶ।

ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରା ନବ ଦିନ ସନ୍ଧ୍ୟା ବେଶର ଷଷ୍ଠ ଦିବସରେ ପ୍ରଭୁଙ୍କ ବନବାସ ବେଶ ଭକ୍ତମାନଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି କରିଥିଲା। ରାତି ପାହିଲେ ରାମଙ୍କ ରାଜ୍ୟାଭିଷେକ ହେବ ବୋଲି ଖବରପାଇ ଯେପରି ଅଯୋଧ୍ୟାର ନଗ୍ରବାସୀ ଖୁସିରେ ଆତ୍ମହରା ହୋଇ ସାଜସଜ୍ଜାରେ ଲାଗି ପଡ଼ିଥିଲେ। ହେଲେ ରାତି ପାହିବା ପୂର୍ବରୁ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ ଖବର ପାଇ ଅଯୋଧ୍ୟାର ନରନାରୀ ମ୍ରିୟମାଣ ହୋଇପଡିଥିଲେ। ଠିକ୍ ସେହିପରି ବୁଧବାର ଓଡ଼ଗାଁ ଅଯୋଧ୍ୟାର ଭ୍ରମ ସୃଷ୍ଟି କରିଥିଲା। ପିତା ଦଶରଥଙ୍କ ସତ୍ୟ ପାଳନ କରିବା ପାଇଁ ପ୍ରଭୁ ଶ୍ରୀରାମ ରାଜ୍ୟ ଏବଂ ରାଜ-ସିଂହାସନକୁ ତୁଚ୍ଛ କରି ରାତି ପାହିବା ପୂର୍ବରୁ ଭାଇ ପତ୍ନୀଙ୍କୁ ସଙ୍ଗରେ ନେଇ ବନବାସରେ ବାହାରି ଯାଇଥିଲେ। ଗୋଟିଏ ପକ୍ଷରେ ଏହାଥିଲା ବିଧିର ବିଧାନ ଅନୁସାରେ ପ୍ରବଳ ପ୍ରତାପି ତ୍ରିପୁରବିଜୟୀ ଦାନବରାଜ ରାବଣ ପତନର ଅୟଆରମ୍ଭ। ଅନ୍ୟ ପକ୍ଷରେ ଶୌର୍ଯ୍ୟ, ବୀର୍ଯ୍ୟ ଏବଂ ସମସ୍ତ ଶକ୍ତିର ଆଧାର ନିରହଂକାର ତ୍ୟାଗର ପ୍ରତୀକ ସ୍ୱରୂପ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରେ ଦାନବ ସ୍ୱଭାବର ମୂଳୋତ୍ପାଟନ କରି ସତ୍ୟ, ଶାନ୍ତି ଓ ଧର୍ମର ସ୍ଥାପନା ପାଇଁ ଏବଂ ସେ ନିଜେ ତାର ପ୍ରମାଣ ଦେବା ପାଇଁ ସହାସ୍ୟ ବଦନରେ ବନବାସକୁ ବରଣ କରିଥିଲେ। ରାବଣ ନିଧନ ପାଇଁ କୈକେୟୀଙ୍କ ମାତୃର ବଳିଦାନ ଇତିହାସ ନିଶ୍ଚୟ ମନେ ରଖିବ। ଭରତଠାରୁ ଅଧିକ ପ୍ରିୟ ରାମଙ୍କ ବନବାସର କାରଣ ସାଜି ନିନ୍ଦା ଅପନିନ୍ଦାର ପାତ୍ରୀ ହୋଇପଡ଼ିଥିବା କୈକେୟୀଙ୍କୁ ଭରତଙ୍କଠାରୁ ଭତ୍ସନା ଶୁଣିବାକୁ ପଡ଼ିଥିଲା। ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପରେ ପ୍ରିୟ ପୁତ୍ରକୁ ଦେଖି କୈକେୟୀଙ୍କ ଦୁଃଖ କିଛି ପରିମାଣରେ ଲାଘବ ହୋଇଥିଲା। ଅନ୍ତର୍ଯ୍ୟାମୀ ପ୍ରଭୁ ରାମଚନ୍ଦ୍ର ଏକଥା ଜାଣିଥିଲେ, ବୀରାଙ୍ଗନା ମା' କୈକେୟୀଙ୍କ ସହଯୋଗ ବିନା ରାବଣ ବଧ ଅସମ୍ଭବ। ତେଣୁ ଧର୍ମ ରକ୍ଷା ପାଇଁ ଜଣେ ମା' କିପରି ମାତୃତ୍ୱକୁ ମଧ୍ୟ ବାଜି ଲଗାଇ ପାରେ ଏବଂ ପିତାଙ୍କ ସମ୍ମାନ ରକ୍ଷା ପାଇଁ ପୁତ୍ର କିପରି ତ୍ୟାଗ କରିପାରେ ତାହା ରାମାୟଣ କଥାବସ୍ତୁ ମାଧ୍ୟମରେ ଏହି ପ୍ରେରଣା ବର୍ତ୍ତମାନ ସମୟର ସମାଜ ଗ୍ରହଣ କଲେ ଏଠି ବହୁସଂଖ୍ୟାରେ ଛଦ୍ମବେଶୀ ରାବଣମାନଙ୍କୁ ନିପାତ କରିହେବ। ସୂଚନାଯୋଗ୍ୟ ଓଡ଼ଗାଁରେ ପୂଜିତ ଦାରୁ ନିର୍ମିତ ରାମ, ଲକ୍ଷ୍ମଣ ବିଗ୍ରହଙ୍କ ଜଟାଜୁଟ ଓ ନିଶ ଦାଢ଼ିଥିବାରୁ ମୂଳତଃ ପ୍ରଭୁଙ୍କର ବନବାସ କାଳରପ୍ରତୀମାସବୁବେଳେପୂଜାପାଇଥାନ୍ତି।



ନୟାଗଡ଼ ପୁରୁଣା ସହର ଗୁଣ୍ଡିଚାମଣ୍ଡପ ପରିସରସ୍ଥ ରଘୁନାଥ ଜୀଉ ମନ୍ଦିରରେ ବୁଧବାର ରଘୁନାଥଙ୍କ ବନଗମନ ବେଶ।

